## ଚିତ୍ରକୋଣ୍ଡା ଟ୍ରାକ୍ଟର ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟଣା: ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା

ଭୁବନେଶ୍ୱର, ୪।୫(ବ୍ୟୁରୋ): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ବୁଧବାର ଏକ ଟ୍ରାକ୍ଟର ଦୁର୍ଘଟଣା ଘଟିଥିଲା। ଏଥିରେ ଚାରି ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏଥିସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଞ୍ଚୁକୁଞ୍ଚିଆ ମାଗୁର-ନିଶିଆ,**
**ହିଆରେ ନ ଥାଉ ବାଳ;**
**ଏ ତିନିଙ୍କୁ ପରତେ ନ ଯିବ,**
**ବଞ୍ଚିଥିବ ଯେତେ କାଳ।**

କୁଞ୍ଚୁକୁଞ୍ଚିଆ କେଶ, ମାଗୁର ପରିକା ନିଶ ଏବଂ ଛାତିରେ ବାଳ ନ ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତେଣୁ ଏମାନଙ୍କୁ ଭରସା କରିବା ଉଚିତ ନୁହେଁ ବୋଲି ଲୋକକଥା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଟିଲେ କଞ୍ଚା ପାଞ୍ଚଣ;**
**ଥାଳିପଟ ମୁହଁ ଶୁଖିଯାଇଛି,**
**ଏ ଯେଉଁ କଟୁ ବଚନ।**

କିଏ ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। କଟୁ ବଚନ ଶୁଣିବା ଦ୍ୱାରା ତନୁମନ ଆଘାତପ୍ରାପ୍ତ ହେବା ସହ ମୁହଁରେ ବିଷର୍ଣ୍ଣ ଭାବ ପ୍ରକାଶ ପାଇଥାଏ। କଟୁ ବଚନ ଶୁଣି ମୁହଁ ଶୁଖାଇ ବସିଥିବା ବନ୍ଧୁଙ୍କ ପ୍ରତି ଏଭଳି ଉକ୍ତି ଉଦ୍ରେକ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପୁରୀ ସମୁଦ୍ରରେ ୨ ଦିନରେ ୪ ବୁଡ଼ି ମୃତ




# ରଘୁନାଥ ମୁର୍ମୁଙ୍କ ସମାଧିପୀଠର ବିକାଶ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୪।୫(ବ୍ୟୁରୋ)

ଅଲ୍‌ଚିକି ଲିପିର ଉଦ୍ଭାବକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସାନ୍ତାଳୀ ସମାଜ ଓ ସାନ୍ତାଳୀ ଭାଷା ଏବଂ ସାହିତ୍ୟ ପ୍ରତି ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ସର୍ବଜନବିଦିତ। ପଣ୍ଡିତ ମୁର୍ମୁ ଅଲ୍‌ଚିକି ଲିପି ଉଦ୍ଭାବନ କରି ସାନ୍ତାଳୀ ସମାଜର ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିଯାଇଛନ୍ତି। ସାନ୍ତାଳୀ ଲିପି ଏକ ବିଜ୍ଞାନସମ୍ମତ ଲିପି ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସାନ୍ତାଳୀ ଭାଷାରେ ଅଲଚିକି ଲିପିରେ ସେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି। ତାଙ୍କର କାଳଜୟୀ କୃତି ପାଇଁ ସେ କେବଳ ସାନ୍ତାଳୀ ସମାଜ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ସ୍ମରଣୀୟ ହୋଇ ରହିଛନ୍ତି। ସାନ୍ତାଳୀ ସମାଜ ପାଇଁ ତାଙ୍କର ମହାନ ଅବଦାନ ତାଙ୍କୁ ସବୁବେଳେ ପୂଜନୀୟ କରି ରଖିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ରାଜ୍ୟ ସରକାର ବାରିପଦା ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି। ସାନ୍ତାଳୀ ଜାତି ପ୍ରତି ପଣ୍ଡିତ ମୁର୍ମୁଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତାଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମାକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨ ଓ ୩ ଦୁଇ ଦିନ ଧରି ମୟୂରଭଞ୍ଜ ଗସ୍ତରେ ଯାଇଥିବା ବେଳେ ଦାଣ୍ଡବୋସ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପରିଦର୍ଶନ କରିଥିଲେ ଏବଂ ବାରିପଦାସ୍ଥିତ ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ମଧ୍ୟ ଯାଇଥିଲେ। ତାଙ୍କ ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସାନ୍ତାଳୀ ଭାଇଭଉଣୀଙ୍କ ସହ ଆଲୋଚନା ବେଳେ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ଅଞ୍ଚଳର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ତଦନୁଯାୟୀ ଦାଣ୍ଡବୋସ-କାପିବୁରୁଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମାଧି ପୀଠର ବିକାଶ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଆଉ ୭୫ ଲକ୍ଷ ଟଙ୍କା ଖର୍ଚ୍ଚରେ ସେଠାରେ ଧ୍ୟାନକେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏତଦବ୍ୟତୀତ କାପିବୁରୁର ପାଚେରି ଓ ସଂଯୋଗ ରାସ୍ତାର ବିକାଶ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ଥିବାବେଳେ ସେଠାରେ ଏକ ଅଡିଟୋରିୟମ ଓ ଗବେଷଣା କେନ୍ଦ୍ର ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଠାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଡର୍ମିଟୋରି ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାପିବୁରୁର ସୌନ୍ଦର୍ଯ୍ୟକରଣ ଓ ସ୍ୱାଗତ ତୋରଣ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦାଣ୍ଡବୋସ, ବିଦୁ ଡାହାନ ବାହାଗାଡ଼ାର ବିକାଶ ତଥା ମାରାଙ୍ଗ-ଆହାରା ପୁଷ୍କରିଣୀ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏତଦବ୍ୟତୀତ ପାନୀୟ ଜଳ, ବିଦ୍ୟୁତୀକରଣ ପାଇଁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର କରାଯାଇଛି। ୫-ଟି ଉପକ୍ରମରେ ଏ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପାଦନ କରାଯିବ। ଖୁବଶୀଘ୍ର କାମ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀରେ ବିଆର୍‌ଏସ୍ କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆଦିଲ୍ଲୀ,୪।୫

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ନୂଆଦିଲ୍ଲୀର ବସନ୍ତ ବିହାରରେ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଆର୍‌ଏସ୍ ନେତାମାନଙ୍କ ସମେତ କେତେଜଣ ମନ୍ତ୍ରୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ରୀତିନୀତି ଓ ପୂଜାର୍ଚ୍ଚନା ମଧ୍ୟରେ କେସିଆର୍ ନୂଆ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ବିଆର୍‌ଏସ୍ ଭବନ ନିର୍ମାଣ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଡ଼କ ଓ ଅଟ୍ଟାଳିକା ମନ୍ତ୍ରୀ ପ୍ରଶାନ୍ତ ରେଡ୍ଡୀ ଏବଂ ରାଜ୍ୟ ସଭା ସଦସ୍ୟ ଯୋଗିନାପାଲ୍ଲି ସନ୍ତୋଷକୁମାର ପରିଚାଳନା କରିଥିଲେ। ୧୧,୦୦୦ ବର୍ଗଫୁଟ ସ୍ଥାନରେ ୪ ମହଲା ବିଶିଷ୍ଟ ବିଆର୍‌ଏସ୍ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଏହାର ତଳ ମହଲାରେ କ୍ୟାଣ୍ଟିନ୍, ରିସେପ୍‌ଶନ ଲବି ସାଙ୍ଗକୁ ସାଧାରଣ ସମ୍ପାଦକମାନଙ୍କ ପାଇଁ ୪ଟି ଚାମ୍ବର ରହିଛି। ପ୍ରଥମ ମହଲାରେ କେସିଆର୍‌ଙ୍କ ଚାମ୍ବର ଓ ସମ୍ମିଳନୀ କକ୍ଷ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ମହଲାରେ ୨୦ଟି ପ୍ରକୋଷ୍ଠ ରହିଛି। ଏହା ବ୍ୟତୀତ ମିଡିଆ ହଲ୍ ଏବଂ ସର୍ଭାଣ୍ଟ କ୍ୱାର୍ଟର୍ସ ମଧ୍ୟ ଉକ୍ତ ବିଲ୍ଡିଂରେ ରହିଛି। ଗତବର୍ଷ ଡିସେମ୍ବର ୧୪ରୁ ଦଳର ଅସ୍ଥାୟୀ କାର୍ଯ୍ୟାଳୟ ଦିଲ୍ଲୀର ସର୍ଦ୍ଦାର ପଟେଲ ମାର୍ଗରେ ଚାଲୁଥିଲା। ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଦଳୀୟ କର୍ମୀମାନଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କେସିଆର୍‌ଙ୍କ ଝିଅ ତଥା ତେଲଙ୍ଗାନା ଏମ୍‌ଏଲ୍‌ସି କେ. କବିତା କହିଛନ୍ତି। ସ୍ୱତନ୍ତ୍ର ତେଲଙ୍ଗାନା ପ୍ରଦେଶ ଗଠନ ଲକ୍ଷ୍ୟ ନେଇ ଦଳ ଗଠନ କରାଯାଇଥିଲା। କଷ୍ଟସାଧ୍ୟ ରାଜନୈତିକ ସ୍ଥିତି ସତ୍ତ୍ୱେ ରାଜ୍ୟ ଗଠନ ସଫଳ ହୋଇଥିଲା। ତେଲଙ୍ଗାନା ବିଚାରଧାରାରେ ବିଶ୍ୱାସ କରୁଥିବା ନାଗରିକଙ୍କଠାରୁ ଦଳକୁ ବିପୁଳ ସମର୍ଥନ ମିଳିଥିଲା। କେସିଆର୍‌ଙ୍କ ରାଷ୍ଟ୍ରନେତୃତ୍ୱ ଏବଂ ଦୃଢ଼ତା ପାଇଁ ଆଜି ଲୋକ ସଭାରେ ବିଆର୍‌ଏସ୍‌ର ୯ ସଦସ୍ୟ ଥିବାବେଳେ ରାଜ୍ୟ ସଭାରେ ୭ ସଦସ୍ୟ ରହିଛନ୍ତି। ଏଥିସହିତ ତେଲଙ୍ଗାନା ବିଧାନସଭାରେ ଦଳର ୧୦୫ ବିଧାୟକ ରହିଛନ୍ତି। ଦଳ ଏବେ ଜାତୀୟ କ୍ଷମତାକେନ୍ଦ୍ର ପାଲଟିଛି ବୋଲି କବିତା କହିଛନ୍ତି। ଦିଲ୍ଲୀରେ ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଜାତୀୟ ରାଜନୀତିରେ ଦଳର ପତିଆରା ବୃଦ୍ଧି ଦିଗରେ ଏକ ବଡ଼ ପଦକ୍ଷେପ।




ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗୁରୁବାର ନୂଆଦିଲ୍ଲୀର ବସନ୍ତ ବିହାରରେ ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ମଣିପୁରରେ ପୋଲିସ ...

ମୋଟ ଜନସଂଖ୍ୟାର ୫୩%। ଅଣଆଦିବାସୀମାନଙ୍କୁ ବିଜ୍ଞପିତ ପାର୍ବତ୍ୟାଞ୍ଚଳରେ ଜମି କିଣିବା ବାରଣ କରାଯାଇଥିବାରୁ ସେମାନେ ମାତ୍ର ୧୦ ଭାଗ ଅଞ୍ଚଳରେ ସୀମିତ ହୋଇ ରହିଛନ୍ତି। ଏହି ସମ୍ପ୍ରଦାୟର ଲୋକେ ଏସ୍‌ଟି ତାଲିକାରେ ସାମିଲ ହେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ମାର୍ଚ୍ଚ ୨୭ରେ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ଏପ୍ରିଲ ୧୪ରେ ରାୟ ଦେଇଥିଲେ। ମେଇତିଙ୍କୁ ଏସ୍‌ଟି ତାଲିକାରେ ୧୦ ବର୍ଷ ପର୍ଯ୍ୟନ୍ତ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଂଖ୍ୟାବହୁଳ ମେଇତିଙ୍କୁ ଉକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ସୁପାରିସ ନିମନ୍ତେ ଏପ୍ରିଲ ୧୯ରେ ନିର୍ଦ୍ଦେଶ ଦିଆଯାଇଛି। ମେଇତିଙ୍କୁ ଏସ୍‌ଟି ତାଲିକାରେ ସାମିଲ କରାଗଲେ ସେମାନେ ଅନ୍ୟ ସ୍ଥାନଗୁଡ଼ିକରେ ଜାଗା କିଣିପାରିବେ। ଏହାକୁ ନେଇ କ୍ଷୁବ୍ଧ ନାଗା ଓ କୁକି ସମୁଦାୟ ଆନ୍ଦୋଳନ କରୁଛନ୍ତି। ବୁଧବାର ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ ୟୁନିୟନ୍ ମଣିପୁର (ଏଟିଏସ୍‌ୟୁଏମ୍) ପକ୍ଷରୁ 'ଟ୍ରାଇବାଲ୍ ସୋଲିଡାରିଟି ମାର୍ଚ୍ଚ'ର ଆୟୋଜନ କରାଯାଇଥିଲା। ଏଥିରେ ଅନେକ ହଜାର ଆଦିବାସୀ ସାମିଲ ହୋଇଥିଲେ। ରାତିରେ ସେମାନଙ୍କ ଉପରେ ମେଇତି ସମ୍ପ୍ରଦାୟ ପକ୍ଷରୁ ଆକ୍ରମଣ ହୋଇଥିଲା। ଫଳରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଅନୁସୂୟା ଉଇକେଙ୍କ ପକ୍ଷରୁ ଗୁରୁବାର ଉପଦ୍ରବୀମାନଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଆର୍‌ପିସି ୧୯୭୩ର ନିୟମାନୁସାରେ ରାଜ୍ୟ ସରକାରଙ୍କ ଗୃହ କମିଶନର ଏହି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ସେନା ଓ ଆସାମ ରାଇଫଲ୍ସର ୫୫ କଲମ୍ ଯବାନଙ୍କୁ ହିଂସା ପ୍ରଭାବିତ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି। ୯,୦୦୦ ଲୋକଙ୍କୁ ସେମାନଙ୍କ ଗାଁରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମେଇତି ଅଧ୍ୟୁସିତ ୱେଷ୍ଟ୍ ଇମ୍ଫାଲ, ଜିରିବାମ୍, କାକଚିଙ୍ଗ୍, ଥୋଉବାଲ, ବିଷ୍ଣୁପୁର ଏବଂ ଆଦିବାସୀ ବହୁଳ ଚୂରଚନ୍ଦପୁର, କାଙ୍ଗପୋକ୍‌ପି ଓ ତେଙ୍ଗ୍‌ନୋଉପାଲ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ସାରା ରାଜ୍ୟରେ ୫ ଦିନ ପାଇଁ ମୋବାଇଲ ଇଣ୍ଟରନେଟ ସେବାକୁ ବାତିଲ କରାଯାଇଛି। ବକ୍ସିଂ ଚାମ୍ପିୟନ୍ ତଥା ରାଜ୍ୟ ସଭା ସଦସ୍ୟା ମେରି କମ୍ ମଣିପୁର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ମେରି କମ୍ ନିଜ ଟୁଇଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ), ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ରିପବ୍ଲିକ୍ ଟିଭି, ଏନ୍‌ଡିଟିଭି ଏବଂ ଇଣ୍ଡିଆ ଟୁଡେ ଚ୍ୟାନେଲକୁ ଟ୍ୟାଗ୍ କରିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ପୂର୍ବତନ ମହାନିର୍ଦ୍ଦେଶକ କୁଲଦୀପ ସିଂଙ୍କୁ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ୧୯୮୬ ବ୍ୟାଚ୍‌ର ଏହି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଗତବର୍ଷ ସେପ୍ଟେମ୍ବରରେ ଅବସର ନେଇଥିଲେ। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ କହିଛନ୍ତି, ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଲୋକଙ୍କ ଧନ ଜୀବନର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଫୋନ୍‌ରେ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଭାଜପା ଶାସିତ ରାଜ୍ୟ ମଣିପୁରରେ ହିଂସାକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପାକୁ ସମାଲୋଚନା କରିଛନ୍ତି। ଭାଜପା ସରକାର ଗଠନ କରିବାର ୧୫ ମାସ ମଧ୍ୟରେ ସାରା ରାଜ୍ୟରେ ହିଂସାର ନିଆଁ ଦେଖିବାକୁ ମିଳିଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ମାତିଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲ କହିଛନ୍ତି, ମଣିପୁର ଜଳୁଥିବାବେଳେ ମୋଦି ପ୍ରଚାରରେ ଲାଗିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ମଣିପୁରକୁ ପ୍ରଥମେ ସୁରକ୍ଷା ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେଇ ଶାନ୍ତି ପୁନଃ ଅବସ୍ଥାପିତ କରନ୍ତୁ ବୋଲି ମମତା କହିଛନ୍ତି।

## ମନ୍ତ୍ରୀଙ୍କ ଗଡ଼ରେ ...

ତେଣୁ ଉଭୟଙ୍କ ଭୋଟ ହାତେଇବା ଲାଗି ଦୁଇ ନେତାଙ୍କୁ ଡାକି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ମହେଶ୍ୱରଙ୍କ ସହ ନିଜେ ମନ୍ତ୍ରୀ ସମୀର ରହି କେତେଜଣଙ୍କୁ ଡାକି ଏକ କାର୍ଯ୍ୟକ୍ରମ କରିଥିବା ବେଳେ ଅନ୍ୟ ଏକ କାର୍ଯ୍ୟକ୍ରମ ପୁରୀ ଏମ୍‌ପି ପିନାକୀ ମିଶ୍ର, ଶୁଭାଶିଷ ଖୁଣ୍ଟିଆ ଏବଂ ସମୀର ରହି କରିଥିଲେ। ଏହିଭଳି ବିଜେଡି ଭୋଟ ଗୋଟାଇବା ଲାଗି ମଧ୍ୟ ଦଳ ପକ୍ଷରୁ ବହୁପ୍ରକାର ଉଦ୍ୟମ କରିଥିଲା। ସେହିପରି ଭାଜପାର ପ୍ରାୟ ସମସ୍ତ ପୁରୀ ଜିଲା ନେତା ଏହି ନିର୍ବାଚନରେ ପ୍ରଚାର କରିଥିଲେ। ଦଳ ପକ୍ଷରୁ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପଛରେ ମନ୍ତ୍ରୀଙ୍କ ହାତ ଥିବା କଥା କହି ଜୋରଦାର ପ୍ରଚାର କରିବା ସହ ଲୋକଙ୍କ ଭୋଟ୍ ହାତେଇବାକୁ ଚେଷ୍ଟା କରାଯାଇଥିଲା। କଂଗ୍ରେସ କିନ୍ତୁ ଉପନିର୍ବାଚନରେ ସେତେଟା ଆଖିଦୃଶିଆ ପ୍ରଦର୍ଶନ କରିପାରିନାହିଁ। ଏ ନେଇ ସମୀର କହିଛନ୍ତି, ଭୋଟରମାନଙ୍କୁ ଧନ୍ୟବାଦ ଦେଉଛି। ଭାଜପାର ବିଜୟକୁ ନିଶ୍ଚୟ ଗ୍ରହଣ କରିବାକୁ ହେବ। ୯ଟି ଯାକ ପଞ୍ଚାୟତ ଦାୟିତ୍ୱରେ ଥିବା ନେତାମାନେ ହିଁ ଏହି ଜୋନ୍‌ରେ ବିଜେଡି ପରାଜୟର ମୁଖ୍ୟ କାରଣ। କଂଗ୍ରେସ ଏବଂ ଭାଜପାର ମିଳିତ କାର୍ଯ୍ୟ ପାଇଁ ହାରିଲୁ। ପରବର୍ତ୍ତୀ ସମୟରେ ଏହାର ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି। ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସାଧାରଣତଃ ଉପନିର୍ବାଚନଗୁଡିକରେ ବ୍ୟବସ୍ଥା ବିରୋଧରେ ଭୋଟ ଯାଇ ନ ଥାଏ। ପ୍ରଶାସନର ସହଯୋଗ ଏବଂ ପ୍ରବଳ ଅର୍ଥ କାରବାର କରି ସବୁବେଳେ ଶାସକ ଦଳ ଉପନିର୍ବାଚନ ଜିତିଥାଏ। ହେଲେ ନିମାପଡାର ୧୧ ନମ୍ବର ଜୋନ୍‌ର ଜିଲା ପରିଷଦ ଆସନରେ ଯେଉଁଭଳି ଭାବେ ଫଳାଫଳ ଆସିଛି ତାହା ରାଜ୍ୟ ସରକାରଙ୍କ ବିରୋଧରେ ଯାଇଛି। ଅନ୍ୟାୟ ବିରୋଧରେ ଜନତା ଜବାବ ଦେଇଛନ୍ତି। ଏହି ଫଳାଫଳ ଯୋଗୁ ଧର୍ମେନ୍ଦ୍ର ସାହୁଙ୍କ ଅତୃପ୍ତ ଆତ୍ମାକୁ ଶାନ୍ତି ମିଳିପାରିଛି ବୋଲି ସେ କହିଛନ୍ତି। କଂଗ୍ରେସ ନେତା ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି, ବିଜେଡି ଏବଂ ଭାଜପା ଉଭୟ ଦୁର୍ନୀତିଗ୍ରସ୍ତ ଦଳ। ହେଲେ କଂଗ୍ରେସର କେନ୍ଦ୍ରୀୟ ଏବଂ ରାଜ୍ୟ ନେତୃତ୍ୱର ପରିଚାଳନା ଠିକ୍ ନଥିବା ଯୋଗୁ ତାଙ୍କ ପ୍ରାର୍ଥୀ ବିପୁଳ ଭୋଟରେ ପରାଜିତ ହୋଇଥିବା ସେ କହିଛନ୍ତି।

ଗୋପ ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ଗଣତି ନିୟମ ଅନୁଯାୟୀ ସକାଳ ୮ଟା ପରିବର୍ତ୍ତେ ପ୍ରାୟ ୨ ଘଣ୍ଟା ବିଳମ୍ବରେ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିଲା। ଗୋପ ବ୍ଲକ ବୈଠକ ଗୃହରେ ଭୋଟ ଗଣତି କରାଯାଇଛି। ୯ଟି ପଞ୍ଚାୟତ ଲାଗି ୯ଟି ଟେବୁଲ କରାଯାଇଥିବା ବେଳେ ୧୨୮ଟି ବୁଥର ଭୋଟ ଗଣତି ହୋଇଥିଲା। ପ୍ରଥମ ରାଉଣ୍ଡରୁ ୧୧ରାଉଣ୍ଡ ପର୍ଯ୍ୟନ୍ତ ଅଳ୍ପ କିଛି ଭୋଟରେ ବିଜେଡି ପ୍ରାର୍ଥୀ ଭାଗୀରଥି ଆଗରେ ଥିବାବେଳେ ପରେ ଭାଜପା ପ୍ରାର୍ଥୀ ପ୍ରମୋଦ ଅଳ୍ପ ଭୋଟ ବ୍ୟବଧାନରେ ଆଗେଇଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ୧୭୬ ଖଣ୍ଡ ଭୋଟରେ ଆଗେଇ ବିଜେଡି ପ୍ରାର୍ଥୀ ଭାଗୀରଥିଙ୍କୁ ହରାଇ ଭାଜପା ପ୍ରାର୍ଥୀ ପ୍ରମୋଦ ବିଜୟୀ ହୋଇଥିଲେ। ଏହି ଜିଲା ପରିଷଦ ଉପନିର୍ବାଚନରେ ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କଂଗ୍ରେସ ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ୧୦୨୪ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡି ପ୍ରାର୍ଥୀ ଭାଗୀରଥିଙ୍କୁ ୧୧,୦୬୪ ଭୋଟ ଓ ଭାଜପା ପ୍ରାର୍ଥୀ ପ୍ରମୋଦଙ୍କୁ ୧୧,୨୪୦ ଭୋଟ ମିଳିଥିଲା। ତେବେ ବ୍ଲକ ପକ୍ଷରୁ ଶାନ୍ତିଶୃଙ୍ଖଳାରେ ଭୋଟ ଗଣତି କରିବା ପାଇଁ ବିଡିଓ ଦୀପ୍ତିରାଣୀ ଦାସ ୯ଟି ଟେବୁଲ ଲାଗି ୫୦ଜଣ ଅଫିସର, କର୍ମଚାରୀଙ୍କୁ ନିୟୋଜିତ କରିଥିଲେ। ଏହି ଭୋଟ ଗଣତି ଲାଗି ମାଜିଷ୍ଟ୍ରେଟ ଦାୟିତ୍ୱରେ ଗୋପ ତହସିଲଦାର ଏସ୍.କେ. ସାର୍ଗି, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ, ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ସହିତ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ବିଜୟୀ ପରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ଗୋପ ବଜାର ପରିକ୍ରମା କରିଥିଲା।

## ନିଶା ପାଇଁ ...

ଫେନରଗାନ୍ ଭାଏଲ୍‌ର ଦାମ୍ ୧୩ ଟଙ୍କା ୪୦ ପଇସା ଥିବାବେଳେ ଫୋର୍ଟୱିନ୍‌ର ବଜାର ମୂଲ୍ୟ ରହିଛି ୫ ଟଙ୍କା ୯ ପଇସା। ତେବେ ଏହି ଦୁଇ ଇଞ୍ଜେକ୍ସନର ଶରୀର ଉପରେ ପ୍ରତିକୂଳ ପ୍ରଭାବ ଜଣାପଡ଼ିବା ପରେ ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପ୍‌ଶନ୍‌ରେ ଏହାର ବିକ୍ରି ଉପରେ କଟକଣା ଜାରି କରାଯାଇଥିବା ରାୟଗଡ଼ା ଡ୍ରଗ୍ସ ଇନ୍ସପେକ୍ଟର ପ୍ରିୟରଞ୍ଜନ ନାୟକ କହିଛନ୍ତି। ତେବେ ଡ୍ରଗ୍ସ ବିଭାଗ କେବଳ ନିର୍ଦ୍ଦେଶନାମା ଜାରି କରି ନୀରବ ରହିଯାଇଥିବାବେଳେ ଖୋଲା ବଜାରରେ ଏହାର ଅବାଧ ବ୍ୟବସାୟ ବିଭାଗୀୟ ଅପାରଗତା ବୋଲି ଚର୍ଚ୍ଚା ହେଉଛି।

ଫୋର୍ଟୱିନ୍ ଏବଂ ଫେନରଗାନ୍ ବାହାରୁ ଚୋରାରେ ରାୟଗଡ଼ା ଜିଲାକୁ ଆସୁଥିବା ଜଣାପଡ଼ିଛି। ଅଧିକାଂଶ ଔଷଧ ଦୋକାନରେ ଏହା ଲୁଚାଚୋରାରେ ମିଳିଯାଉଛି। ଇଞ୍ଜେକ୍ସନ ନିଶା କବଳରେ ପଡ଼ିଥିବା ଯୁବକମାନେ ଚିହ୍ନା ପରିଚିତ ଦୋକାନୀଙ୍କଠାରୁ ଏହାକୁ ସଂଗ୍ରହ କରୁଛନ୍ତି। ଅସୁରକ୍ଷିତ ଭାବେ ଇନ୍‌ସୁଲିନ୍ ଦେବାରେ ବ୍ୟବହୃତ ସିରିଞ୍ଜରେ ସେମାନେ ଚମଡ଼ା ତଳେ ଏହି ନିଶା ଇଞ୍ଜେକ୍ସନକୁ ଶରୀରରେ ପୂରାଉଛନ୍ତି। ବିଶେଷ କରି ୨୫ରୁ ୪୦ ବର୍ଷୀୟ ଯୁବପିଢ଼ିଙ୍କ ନିକଟରେ ଏହି ନିଶା ପ୍ରବଣତା ବଢ଼ିବାରେ ଲାଗିଛି। ହେଲେ ଏହା ଯେ ସେମାନଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଟାଣି ନେଉଛି, ସେ ସମ୍ପର୍କରେ ସେମାନେ ଜାଣିପାରୁନାହାନ୍ତି। ଏ ଦିଗରେ ଡ୍ରଗ୍ସ ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ସଚେତନତା ସୃଷ୍ଟି କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡ. ସୁରେଶ କୁମାର ଦେ କୁହନ୍ତି, ରୋଗୀଙ୍କ ଯନ୍ତ୍ରଣା ଉପଶମ କ୍ଷେତ୍ରରେ ସେତିକି ଆବଶ୍ୟକ ହେଲେ ଫୋର୍ଟୱିନ, ଫେନରଗାନ୍ ବ୍ୟବହାର ଲାଗି ଡାକ୍ତର ପରାମର୍ଶ ଦେଇଥାଆନ୍ତି। ରୋଗୀଙ୍କ ଲାଗି ଉଭୟ ଇଞ୍ଜେକ୍ସନ୍‌ର ୧ ଏମ୍‌ଏଲ୍ ଡୋଜ୍ ଯଥେଷ୍ଟ। ଫୋର୍ଟୱିନ୍ ଇଞ୍ଜେକ୍ସନ୍ ମେରୁଦଣ୍ଡ ଏବଂ ମସ୍ତିଷ୍କର ସ୍ନାୟୁକୋଷକୁ ସକ୍ରିୟ କରି ଯନ୍ତ୍ରଣା ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା ସ୍ନାୟବିକ ତନ୍ତ୍ରକୁ ନିୟନ୍ତ୍ରଣ କରି ଯନ୍ତ୍ରଣା ପ୍ରତିରୋଧୀ ଭାବେ କାର୍ଯ୍ୟ କରେ। ହେଲେ ଦୈନିକ ନିଶା ଭାବେ ଗ୍ରହଣ କଲେ ଏହା ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବ ବୋଲି ସେ ସତର୍କ କରାଇଛନ୍ତି।

### ଦଲାଲ ଗୋଷ୍ଠୀ ସକ୍ରିୟ

ଫୋର୍ଟୱିନ, ଫେନରଗାନ୍ ଭଳି ନିଷିଦ୍ଧ ଇଞ୍ଜେକ୍ସନର ବେଆଇନ କାରବାରରେ ଦଲାଲ ଗୋଷ୍ଠୀ କାମ କରୁଛନ୍ତି। ସେମାନେ ବାହାରୁ ଇଞ୍ଜେକ୍ସନ ମଗାଇ ମହଜୁଦ୍ କରି ରଖୁଛନ୍ତି। ନିଶାସକ୍ତ କଲେଜ ପଢୁଆ ପିଲା, ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିମାନେ ମୁଖ୍ୟତଃ ଏହାକୁ ବ୍ୟବହାର କରୁଥିବାରୁ ସେମାନେ ଔଷଧ ଦୋକାନୀଙ୍କ ଜରିଆରେ ଏହାକୁ କିଣି ନେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରୋଗୀଙ୍କ ପାଇଁ ୫ରୁ ୧୫ ଟଙ୍କାରେ ବଜାରରେ ମିଳୁଥିବା ଏହି ଇଞ୍ଜେକ୍ସନକୁ ୨୦୦ରୁ ୫୦୦ ଟଙ୍କାରେ ନିଶାଡ଼ିଙ୍କୁ ବିକ୍ରି କରାଯାଉଛି। ଏହା ଜାଣିବା ସତ୍ତ୍ୱେ ଇଞ୍ଜେକ୍ସନ ନିଶାରେ ପଡ଼ିଥିବା ଯୁବବର୍ଗ ଏହାକୁ ଅନାୟାସରେ କିଣି ନେଉଛନ୍ତି। ଔଷଧ ଦୋକାନରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରାଗଲେ ଫୋର୍ଟୱିନ, ଫେନରଗାନ୍ ବ୍ୟବସାୟକୁ ନେଇ ଅନେକ ରହସ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### କମ୍ ଡୋଜ୍‌ରେ ବେଶି ପ୍ରଭାବୀ

ଏକଦା ଫୋର୍ଟୱିନ, ଫେନରଗାନ୍ କବଳରେ ପଡ଼ିଥିବା ରାୟଗଡ଼ାର ଜଣେ ୩୫ ବର୍ଷୀୟ ଯୁବକ ନାମ ଗୋପନ ରଖିବା ସର୍ତ୍ତରେ ନିଜ ଅନୁଭୂତି ବଖାଣି କହିଛନ୍ତି ଯେ, ତାଙ୍କୁ ଯେତେବେଳେ ୨୦-୨୫ ବର୍ଷ; ସେତେବେଳେ କୁସଙ୍ଗରେ ପଡ଼ି ଏହି ନିଶା ଗ୍ରହଣ କରିବା ଆରମ୍ଭ କରିଥିଲେ। କମ୍ ଡୋଜ୍‌ରେ ବେଶି ନିଶା ହେଉଥିବାରୁ ସମୟକ୍ରମେ ଏହା ଅଭ୍ୟାସରେ ପରିଣତ ହୋଇଗଲା। ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ଶରୀର ଉପରେ ଏହାର ଖରାପ ପ୍ରଭାବକୁ ସେ ଅଣଦେଖା କରିଥିଲେ। ହେଲେ କିଛିଦିନ ପରେ ତାଙ୍କ ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲା। ବିଭିନ୍ନ ରୋଗ ମାଡ଼ିବସିଲା। ଫଳରେ ଏଭଳି କୁ-ଅଭ୍ୟାସ ଛାଡ଼ିବାକୁ ସେ ଚିନ୍ତା କଲେ। ୮-୧୦ ବର୍ଷ ହେବ ସେ ନିଶା ଛାଡ଼ି ଦେଇଛନ୍ତି ଏବଂ ବିଦ୍ୟୁତ୍ ବିଭାଗରେ ଚାକିରି କରି ଖୁସିରେ ଥିବା ସମ୍ପୃକ୍ତ ଯୁବକ କହିଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟତଃ ପ୍ରେମ ପ୍ରତାରଣା, ପାରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା ଯୁବପିଢ଼ିଙ୍କୁ ନିଶା ଆଡ଼କୁ ଟାଣି ନେଉଛି। ମାନସିକ ଯନ୍ତ୍ରଣା ଦୂରେଇବାକୁ ସେମାନେ ଫୋର୍ଟୱିନ, ଫେନରଗାନ୍ ଭଳି ତୀବ୍ର ନିଶାଯୁକ୍ତ ଔଷଧ ବ୍ୟବହାର କରୁଛନ୍ତି। ଏଭଳି ନିଶା ବ୍ୟବହାରକାରୀ ମୁଖ୍ୟସ୍ରୋତକୁ ଫେରିବା ସାମାନ୍ୟ କଷ୍ଟକର ହେଲେ ମଧ୍ୟ ଅସମ୍ଭବ ନୁହେଁ। ହେଲେ ଜିଲାରେ ନିଶା ନିବାରଣ କେନ୍ଦ୍ର ନ ଥିବାରୁ ଏଥିରେ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଡ୍ରଗ୍ସ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିବାର ସୂଚନା ରହିଛି। ଅବଶ୍ୟ ଦ୍ୱିଜା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ରୋହିଣୀ ନକ୍ଷତ୍ରର ଅର୍ଥନୈତିକ ପ୍ରଗତି ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ।

**ମିଥୁନ** – ପରିବାରରେ ପୂର୍ବର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଆର୍ଦ୍ରା ନକ୍ଷତ୍ର ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** – ଆଶା ଓ ଆଶଙ୍କା ମଧ୍ୟରେ ସମୟ କଟାଇବା ସାଙ୍ଗକୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପୁନର୍ବସୁ ନକ୍ଷତ୍ର ଆରୋଗ୍ୟଲାଭ କରିବା ହେତୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ସିଂହ** – ଆଜି ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। କିନ୍ତୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ମଘା ନକ୍ଷତ୍ର ଜାତ ବ୍ୟକ୍ତିଙ୍କର ମାନସିକ ଅବସାଦ ଯୋଗୁ କୌଣସି କାମ ଫଳପ୍ରଦ ହେବ ନାହିଁ।

**କନ୍ୟା** – ଆଜି ଯିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା** – କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ସ୍ୱାତୀ ନକ୍ଷତ୍ର ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ।

**ବିଛା** – ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଅନୁରାଧାର ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି କାର୍ଯ୍ୟସାଧିତ ହେବ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆଲୋଚନା ପରିସରରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ କିଛି ଠିକ୍ ହୋଇଯିବ। ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି,ଏଣୁ ସାବଧାନ ରହିବା ଭଲ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବ ନାହିଁ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସହ ଆଲୋଚନା କରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ଶ୍ରବଣା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** – ସ୍ଥଗିତ ରହିଯାଇଥିବା କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** – ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପାଇଁ ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ ପୂର୍ଣ୍ଣିମା ଶୁକ୍ରବାର, ବୁଦ୍ଧଜୟନ୍ତୀ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ସନ୍ଥକବି ଭୀମ ଭୋଇ ଜୟନ୍ତୀ, ବିପ୍ଲବୀ ଧରଣୀଧର ନାୟକଙ୍କ ଜନ୍ମଦିବସ, (ଆଜି ଉପଛାୟାଜନିତ ଚନ୍ଦ୍ରଗ୍ରହଣ-ଯାହାକି ପାଳନୀୟ ନୁହେଁ), ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୬।୧୦ ମଧ୍ୟେ, ଘ.୦୭।୦୧ ଗତେ ଘ.୦୮।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ।

**ବେଆଇନ ଇଟାଭାଟିକୁ ଅଙ୍କୁଶ ନାହିଁ**

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ତହସିଲ ଭୂଆଁପଡା ଅଞ୍ଚଳରେ ବେଆଇନ ଇଟା ଭାଟି ଗଢି ଉଠିଛି। ସ୍ଥାନୀୟ ପ୍ରଶାସନକୁ ହାତକରି ବେଧଡକ ଏହି ବେପାର ଚାଲିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଇଟାଭାଟି ଯୋଗୁଁ ଉକ୍ତ ଅଞ୍ଚଳରେ ଉତ୍ତାପ ବୃଦ୍ଧି ହେବା ସହ ପରିବେଶ ଦୂଷିତ ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବିଜୟୀ ହେଲେ ଲୋକନାଥ ଥପା

**ହିଆଁଲ ଗ୍ରାମ ପଞ୍ଚାୟତ ସରପଞ୍ଚ ଉପନିର୍ବାଚନ**

**କଣ୍ଟାବାଞ୍ଜି,୪ା୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଁଲ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହୋଇଥିବା ଉପନିର୍ବାଚନୀର ଫଳାଫଳ ଗୁରୁବାର ପ୍ରକାଶିତ ହୋଇଛି। ଲୋକନାଥ ଥପା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗଫାର ଖାନଙ୍କୁ ୨୪୦ଭୋଟରେ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଲୋକନାଥଙ୍କୁ ୧୯୦୩ଖଣ୍ଡ ଭୋଟ ମିଳିଥିବା ବେଳେ ଗଫାରଙ୍କୁ ୧୬୬୩ଭୋଟ ମିଳିଛି। ଅନ୍ୟ ଦୁଇ ପ୍ରାର୍ଥୀ ପୂର୍ବତନ ସରପଞ୍ଚ ନୌକେଶି ସିପ୍‌କାଙ୍କୁ ୧୯ଖଣ୍ଡ, ପୂର୍ବତନ ସମିତି ସଭ୍ୟ ଖେଲନ୍ତି ସମରଥଙ୍କୁ ମିଳିଛି ୧୨୩ଖଣ୍ଡ ଭୋଟ। ଲୋକନାଥ ପୂର୍ବରୁ ହିଆଲ ପଞ୍ଚାୟତର ସମିତି ସଭ୍ୟଭାବେ କାର୍ଯ୍ୟ କରି ସାରିଛନ୍ତି। ତାଙ୍କ ବାପା ଓ ଅଜା ପୂର୍ବରୁ କୁଇବାହାଲ ଏବଂ ହିଆଁଲ ପଞ୍ଚାୟତରୁ ଏକାଧିକ ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେ ପ୍ରଥମ କରି ଉପନିର୍ବାଚନୀରେ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି।୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ପଞ୍ଚାୟତରୁ ସରପଞ୍ଚ ନିର୍ବାଚିତ ହୋଇଥିବା ପ୍ରଫୁଲ୍ଲ ବାଗଙ୍କ ଅକାଳ ବିୟୋଗ ଘଟିବା ପରେ ମେ ୨ ତାରିଖରେ ଉପନିର୍ବାଚନ ହୋଇଥିଲା। ଗୁରୁବାର ତୁରେକେଲା ବ୍ଲକ କନଫରେନ୍ସ ହଲରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଛି।


ଲୋକନାଥ ଥପା।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଗୁଡ଼ଭେଲା,୪ା୫(ଡି.ଏନ.ଏ.):** ବଲାଙ୍ଗୀର ମୋବାଇଲ ଟିମ ଓ ତୁଷୁରା ଅବକାରୀ ବିଭାଗ ମିଳିତ ଭାବେ ଗୁରୁବାର ପାଟ୍ରୋଲିଂ କରୁଥିବା ବେଳେ ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ସିରାବାହାଲ ଛକଠାରେ ୯ କେଜି ଗଞ୍ଜେଇ ଜବତ କରିଛି। ବାଇକ ନମ୍ବର ଓଆର- ୧୩-୯୫୫୭ ରେ ଚାଲାଣ କରୁଥିବା ବୌଦ୍ଧ ଜିଲା କଣ୍ଟାମାଳ ଥାନା ଟପନା ଗ୍ରାମର ସୁମନ ମହାନନ୍ଦ(୨୩)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ବଲାଙ୍ଗୀର ସଦର ଇନ୍ସପେକ୍ଟର ସରୋଜ କୁମାର ପରିଡା, ଏସଆଇ ମଞ୍ଜୁଲତା ଏକା, ତୁଷୁରା ଅବକାରୀ ଥାନାଧିକାରୀ ବାଣୀ ସୁନା, ଏଏସଆଇ ତୁଲେଶ୍ୱର କୁମୁରା ଚଢାଉରେ ସାମିଲ ଥିଲେ।

### ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ

**ସିନାପାଲି,୪ା୫(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ଗ୍ରାମରେ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମରୁ ଏକ କଳସ ଶୋଭାଯାତ୍ରା ଉଦନ୍ତୀ ନଦୀକୂଳରେ ପହଞ୍ଚିଥିଲେ। କଳସ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ହଲୁରାମ ଦଣ୍ଡସେନା ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରବାଇ ଦଣ୍ଡସେନା କାର୍ଯ୍ୟ ତୁଲାଇଥିଲେ। ୨ତାରିଖରୁ ଆରମ୍ଭ ହୋଇଥିବା ନାମଯଜ୍ଞ ୫ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଆୟୋଜନରେ ବଜରଙ୍ଗ ଦଣ୍ଡସେନା, ନିରାଶବାଇ ଦଣ୍ଡସେନା, ଦମୟନ୍ତୀ ଦଣ୍ଡସେନା, ଗଙ୍ଗାରାମ ଦଣ୍ଡସେନା, ଯାଜ୍ଞସେନି ଦଣ୍ଡସେନା, ନୀଳମଣି ଦଣ୍ଡସେନା, ଓଁକାର ଦଣ୍ଡସେନା ସହଯୋଗ କରିଛନ୍ତି।

# ଅଦିନିଆ ବର୍ଷା ଉଜାଡ଼ିଲା ରବିଚାଷ

**ନୂଆପଡା ଅଫିସ, ୪ା୫**

ନୂଆପଡା ଜିଲାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଧାନଚାଷ ସହ ପରିବା ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଚଳିତବର୍ଷ ଅଦିନିଆ ବର୍ଷା ସହ କୁଆ ପଥର ମାଡରେପରିବା ଚାଷ ସବୁ ନଷ୍ଟ ହେବାରେ ଲାଗିଛି । କୋମନା ବ୍ଲକ ନୂଆଗାଁ ପଞ୍ଚାୟତର ଲୋହୋଣ୍ଡୋପାଲି, ଠୁଟିବର, କାମକେଡା, ତୁକଲାପଡା, ଗୋନିଆପଡା, ଗଣ୍ଡାମେର ପଞ୍ଚାୟତର କଣ୍ଟାପାଲି, ଦାନୋଝଲା, କାଣ୍ଡେତରା ପଞ୍ଚାୟତର ମହୁଲଭଟା, ମାଲପଡା, କାଣ୍ଡେତରା ଅଞ୍ଚଳରେ ହୋଇଥିବା ପିଆଜ ଚାଷ ଅଦିନିଆ ବର୍ଷାରେ ସର୍ବାଧିକ କ୍ଷତି ହୋଇଛି। କିଆରିରେ ପାଣି ଜମି ରହୁଥିବାରୁ ଅମଳ ଅବସ୍ଥାରେ ଥିବା ପିଆଜ ସବୁ ନଷ୍ଟ ହୋଇଯାଉଛି । ଅମଳ ବେଳକୁ ଚାଷ ନଷ୍ଟ ହେଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ପିଆଜ ଚାଷ ସହ ଭେଣ୍ଡି, କଲରା, ବାଇଗଣ, ପାତଳଘଣ୍ଟା, ଝୁଲେର, ଲଙ୍କା, ଫୁଲକୋବି, ପତ୍ରକୋବି ଆଦି ଚାଷରେ ରୋଗପୋକ ଲାଗିବା ପରେ ଚାଷୀ ହତାଶ ହୋଇପଡିଛି। ପତ୍ର ପୋଡିଲା ଭଳି ହୋଇ ଗଛ ସବୁ ବଢି ପାରୁନାହିଁ। ବିରୁନପଦର, ଇଛାପୁର, ବାଗମୁଣ୍ଡା, ବେଲରଦନା, ସିଲେଟପାଣି, ଗୋହିରାପଦର, ସାହଜଟ ଅଞ୍ଚଳରେ ବାଇଗଣ, କଲରା, ଝୁଡଙ୍ଗ, ଲଙ୍କା, କଖାରୁ, ଲାଉ, ପତ୍ରକୋବି, ଫୁଲକୋବି ଚାଷୀ ଭାଲେଣିରେ ପଡିଛନ୍ତି ।

ଅପରପକ୍ଷରେ ରବିଧାନ ଏବେ ଅମଳ ଅବସ୍ଥାରେ ରହିଛି। ଏହି ସମୟରେ ବର୍ଷା ସାଙ୍ଗକୁ କୁଆପଥର ମାଡରେ ଗଛରୁ ଧାନକାନ୍ଦି ସବୁ ଝଡି ପଡୁଛି । ଜଡାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପ ଅଞ୍ଚଳର ଜଡାମୁଣ୍ଡା, ଗନିଆରୀ, ଖଇରଭାଡି, ଜନ୍ଦ୍ରାମୁଣ୍ଡା, ଠୋଙ୍ଗୋ ଓ ଲଟକନପଡା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ତିଖାଲି, ସାଇପଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଇନର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଆଦି ପ୍ରକଳ୍ପ ପାଣିରେ ହୋଇଥିବା ଧାନଚାଷ କୁଆପଥର ମାଡରେ ପ୍ରଭୂତ କ୍ଷତି ହୋଇଛି। ବଞ୍ଚି ରହିଥିବା ଧାନଗଛରେ କାଣ୍ଡବିନ୍ଧା ପୋକ ଲାଗି ଶୁଖିଯାଉଛି।


ନଷ୍ଟ ହୋଇଥିବା କ୍ଷେତରେ ଥିବା କୋବି ଫସଲ।

**କ୍ଷୟକ୍ଷତି ଆକଳନ ପରେ ସହାୟତା: ଜିଲା ସହକାରୀ କୃଷି ଅଧିକାରୀ**

ଚଳିତ ରବିଋତୁରେ ନଦୀକୂଳିଆ ଗାଁମାନଙ୍କର ଚାଷୀ ତରଭୁଜ ଚାଷ କରିଥିଲା। ଭଲ ଅମଳ ଆଶାଥିଲା। ହେଲେ ଅଦିନିଆ ବର୍ଷା ଓ କୁଆ ପଥର ମାଡ ସବୁ ଉଜାଡି ଦେଲା। ଜିଲା ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ସାହୁଙ୍କୁ ପଚାରିବାରୁ ଜିଲାର ୨୪ଟି ପଞ୍ଚାୟତର ଧାନ ଚାଷି ଇନସ୍ୟୁରାନ୍ସ କରିଛନ୍ତି । ସେମାନଙ୍କ ଧାନଚାଷ ନଷ୍ଟ ଅନୁଯାୟୀ ଆକଳନ କରି ରିପୋର୍ଟ ଦେଲା ପରେ ସରକାରୀ ସହାୟତା ପାଇବେ । ପିଆଜ ଚାଷ ପାଇଁ ଉଦ୍ୟାନ ବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଆକଳନ କରି ରିପୋର୍ଟ ଦେଲାପରେ ଯେଉଁମାନଙ୍କର ୩୩ପ୍ରତିଶତରୁ ଅଧିକ ଚାଷ ନଷ୍ଟ ହୋଇଥିବା ସେମାନେ ସରକାରୀ ସହାୟତା ପାଇବେ। ପରିବା ଚାଷ ପାଇଁ ମଧ୍ୟ ଇନ୍‌ପୁଟ ସବ୍‌ସିଡି ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ।

# ମେଗା ଚକ୍ଷୁ ଚିକିତ୍ସା ଶିବିର


ଡାକ୍ତରଙ୍କ ସହ ଚକ୍ଷୁ ପରୀକ୍ଷା ପାଇଁ ଆସିଥିବା ଜନସାଧାରଣ।

**ମୁରିବାହାଲ, ୪ା୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଙ୍କେଲ ଗ୍ରାମ ପଞ୍ଚାୟତର ସଦର ମହକୁମାରେ ଗୁରୁବାର ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬୦ଜଣ ରୋଗୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୬୪ଜଣଙ୍କୁ ଚଷମା ପାଇଁ ଚିହ୍ନଟ କରାଯାଇ ଥିବାବେଳେ ୨୨ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି, ଜୟ ପ୍ରକାଶ ଚାରିଟେବୁଲ ଟ୍ରଷ୍ଟ, ମଲ୍ଟିସିଟି ସ୍ୱାସ୍ଥ୍ୟ କେନ୍ଦ୍ର ରାଉରକେଲା ମିଳିତ ଉଦ୍ୟମରେ ସପ୍ତାହବ୍ୟାପୀ ହେବାକୁ ଥିବା ଚକ୍ଷୁ ଚିକିତ୍ସା ଶିବିର ବିଜେଡି ନେତା ହଂସରାଜ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦେବାଶିଷ ସାହୁ, ସୁନୀଲ ଦାସ, ଓ ଦିଲୀପ ଟପ୍ପୁ ଉପସ୍ଥିତ ଥିଲେ। ଶିବିରକୁ ସଫଳ କରିବାରେ ବାଙ୍କେଲ ସରପଞ୍ଚ ଲକ୍ଷ୍ମଣ ଦୋରା, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ, ପଦ୍ମନ ଘିଭେଲା, ତୁଷାର ବାଗ, ଚନ୍ଦ୍ର ବାଗ, ପୂର୍ଣ୍ଣ ସାହୁ, ଦୁଳମଣୀ ସାହୁ, ନିରଞ୍ଜନ ଘିଭେଲା, ଧୈର୍ଯ୍ୟ ଘିଭେଲା, ମେଘ ବାଗ,ନିରଞ୍ଜନ ପ୍ରଧାନୀ, ଜୟ କିଷାନ ବାଗ, ଦିଲୀପ କୁମାର ପୃଷ୍ଟି ସହଯୋଗ କରୁଛନ୍ତି। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଙ୍ଗୋମୁଣ୍ଡା, ତୁରେକେଲା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏହି ଚକ୍ଷୁ ପରୀକ୍ଷା ଶିବିର ୧୦ତାରିଖ ଯାଏ ଚାଲିବ ବୋଲି ଜଣାପଡିଛି।

# କ୍ରଶର ନିର୍ମାଣକୁ ବିରୋଧ

**ଲୋଇସିଂହା,୪ା୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଉତ୍ସବପାଲିରେ ଜଣେ ବ୍ୟକ୍ତି କ୍ରଶର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହା ଜଣାପଡିବା ପରେ ଉପରବାହାଲ ଗାଁର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର କ୍ରଶର ନିର୍ମାଣର ପ୍ରାରମ୍ଭିକ କାମକୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନଙ୍କ କଥା ନମାନି କ୍ରଶର ସ୍ଥାପନ କଲେ ପରିସ୍ଥିତି ଭୟଙ୍କର ହେବ ଏବଂ ଏଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ସେମାନେ କହିଛନ୍ତି। ସୂଚନା ଅନୁଯାୟୀ, ଉପରବାହାଲ ଏବଂ ସରଗାଡ ପଞ୍ଚାୟତର ସୀମାନ୍ତ ଉତ୍ସବପାଲି ଗାଁ ସୀମାନ୍ତରେ ସରଗାଡ ଗ୍ରାମର ଜଣେ ବ୍ୟକ୍ତିଙ୍କ ଚାଷ ଜମି ରହିଛି। ସମ୍ପୃକ୍ତ ବ୍ୟକ୍ତି କ୍ରଶର ନିର୍ମାଣ ପାଇଁ ସମ୍ବଲପୁର ଜିଲାର ଜଣେ ବ୍ୟକ୍ତିଙ୍କୁ ସେହି ଜମି ଲିଜ୍‌ସୂତ୍ରରେ ପ୍ରଦାନ କରିଛନ୍ତି। ଗୁରୁବାର ଲିଜ୍‌ରେ ନେଇଥିବା ବ୍ୟକ୍ତି ସେଠାରେ କ୍ରଶର ସ୍ଥାପନ ପାଇଁ ପ୍ରକ୍ରିୟା ଅରମ୍ଭ କରିଥିଲେ। ଜେସିବି ଲଗାଇ ଜମିର ଅନାବନା ଘାସ ସଫାସୁତରା କରିଥିଲେ। ଏହା ଜଣାପଡିବା ପରେ ଉପରାବାହଲ, ଉତ୍ସବପାଲିର ଚାଷୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେହି ଅଞ୍ଚଳରେ ଥିବା କେତେକ କ୍ରଶର ଯୋଗୁ କିପରି ସମସ୍ୟା ଭୋଗୁଛନ୍ତି ତାହା ଦର୍ଶାଇଥିଲେ। କ୍ରଶରରେ ବିସ୍ଫୋରଣ ଯୋଗୁ ଘରଦ୍ୱାର ଦୋହଲି ଭାଙ୍ଗିଯାଉଛି, ଚାଷଜମିରେ ପଥର ଗୁଣ୍ଡ ପଡି ଚାଷ ପାଇଁ ଅନୁପେଯାଗୀ ହୋଇପଡୁଛି । ସ୍ଥାନୀୟ ତହସିଲଠାରୁ ଜିଲା ପ୍ରଶାସନ ଯାଏ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ପରବର୍ତ୍ତୀ ସମୟରେ କ୍ରଶର ମାଲିକମାନେ ଅଞ୍ଚଳବାସୀଙ୍କୁ ନାଲି ଆଖି ଦେଖାଇବାକୁ ପଛାଉନାହାନ୍ତି। ସନାର୍ତ୍ତନ ଗଡତ୍ୟା, ସନ୍ତୋଷ ଭୋଇ, ସାମିଲ ବିଶ୍ୱାଳ, ଶେଷଦେବ ପଧାନ ପ୍ରମୁଖ କହିଛନ୍ତି, କେବଳ ଅଞ୍ଚଳବାସୀ କ୍ଷତିଗ୍ରସ୍ତ ହେଉନାହାନ୍ତି, କ୍ରସର ସ୍ଥାପନ ପରେ ସମୀପ ପାହାଡରୁ ବେଆଇନ ପଥର ଉତ୍ତୋଳନ କରାଯାଉଛି। ଏସବୁକୁ ଲକ୍ଷ୍ୟ କରି ଏବେ ସେମାନେ କ୍ରସର ସ୍ଥାପନ ପୂର୍ବରୁ ବିରେଧ କରୁଛନ୍ତି ବୋଲି କହିଛନ୍ତି।

# ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ନାବାଳିକା ଗଣବଳାତ୍କାର ମାମଲା**

**ଲାଞ୍ଜିଗଡ଼,୪ା୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ବିଜେପୁର ଥାନା ଅନ୍ତର୍ଗତ ପାଜିବାହିଲି ରାସ୍ତାରେ ୨ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦୁପେଟ ଗାଁର ରାଜୀବ ମାଝି। ବେନଗାଁ ଅଞ୍ଚଳର ୨ ନାବାଳିକା ଓ ଜଣେ ଯୁବତୀ ଏପ୍ରିଲ ୧୩ ତାରିଖ ରାତିରେ ନାଟକ ଦେଖି ଫେରୁଥିବା ବେଳେ ପାଜିବାହାଲି ଗାଁର ୫ ଯୁବକ ୨ ନାବାଳିକାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ବିଜେପୁର ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଥାନାରେ ଆଇପିସି ଦଫା ୩୬୩, ୩୭୬ ଓ ପୋକ୍‌ସୋ ଧାରାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ମଧ୍ୟରୁ ଜଣେ ନାବାଳକ ଥିଲେ। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲେ। ଘଟଣା ସମ୍ପର୍କରେ ଏପ୍ରିଲ ୨୪ରେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝିଙ୍କ ନେତୃତ୍ୱରେ ପୀଡ଼ିତାଙ୍କ ଗ୍ରାମରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସଂଘ ପକ୍ଷରୁ ଭବାନୀପାଟଣାଠାରେ ଅତିରିକ୍ତ ପୋଲିସ ଅଧିକ୍ଷକଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଗତ ୨୭ ତାରିଖରେ ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ସଂଘ ସଭାପତି ସୁକ୍ର ମାଝିଙ୍କ ନେତୃତ୍ୱରେ ପୁଣି ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଗାଁକୁ ଯାଇ ବୈଠକ କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସଂଘ ଆନ୍ଦୋଳନ କରିବା ସହ ଆଗାମୀ ମେ ୧୦ରେ ବିଜେପୁର ଥାନା ଘେରାଉ କରିବ ବୋଲି ଚେତାବନୀ ଦେଇଥିଲା। ଏହାପରେ କଳାହାଣ୍ଡି ବିକାଶ ପରିଷଦ ଅଧ୍ୟକ୍ଷା ସୁନୀତି ମୁଣ୍ଡ ଏବଂ ଶୁକ୍ର ମାଝି ପୀଡ଼ିତାଙ୍କୁ ସାନ୍ତ୍ୱନା ଦେବା ସହିତ ବିଜେପୁର ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପୋଲିସ ପୁଣି ତାର ତଦନ୍ତ ଆରମ୍ଭ କରିଥିଲା ।

# ସିଆରପି ଚୟନ ତାଲିକାରେ ପାତରଅନ୍ତର

**ଲୋଇସିଂହା,୪ା୫(ଡି.ଏନ.ଏ)**

**ବିଡିଓଙ୍କୁ ଫେରାଦ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଆଗଲପାଲି ଗ୍ରାମ ପାଇଁ ମିଶନ ଶକ୍ତି ସିଆରପିସି ଚୟନ ତାଲିକାରେ ପାତରଅନ୍ତର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତାଲିକାରୁ ବାଦ୍ ପଡିଥିବା ଆବେଦନକାରୀ ଯଶୋଦା କରନ ବିଡିଓ ଆକାଶ ରଞ୍ଜନ ସାହୁଙ୍କ ନିକଟରେ ଗୁରୁବାର ଫେରାଦ ହୋଇଛନ୍ତି। ଅଭିଯୋଗ ପାଇଁ ବିଡିଓ ସାହୁ ମିଶନ ଶକ୍ତି ବିପିଏମଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ଅଗଲାପାଲି ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା ପାଇଁ ସିଆରସି ପଦବୀ ପାଇଁ ମାସକତଳେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ଗ୍ରାମର ଯଶୋଦା କରନଙ୍କ ସମେତ ୫ ଜଣ ଆବେଦନ କରିଥିଲେ। ଗତ ରବିବାର ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇଛି। ଏନେଇ ଅଗଲାପାଲି ଗ୍ରାମରେ ଏକ ନୋଟିସ ଛପାଯାଇଛି। ଉକ୍ତ ନୋଟିସ୍‌ରେ ଯଶୋଦାଙ୍କ ନାମ ବାଦ ଦେଇ ଅନ୍ୟମାନଙ୍କ ନାମ ତାଲିକାରେ ରହିଛି। ପତ୍ରସଂଖ୍ୟା ୪ରେ ଯଶୋଦା ଆବେଦନ କରିଛନ୍ତି। ତାଙ୍କ ଆବେଦନ ପତ୍ରକୁ ଆଦ୍ୟାଶକ୍ତି ସଞ୍ଚାଳିକା ସଂଘର ସଭାନେତ୍ରୀ ରଶ୍ମିତା ସିଂଦେଓ ଗ୍ରହଣ କରିଥିବା ସ୍ୱାକ୍ଷର ରହିଛି। ଚୟନ ତାଲିକାରେ ଯଶୋଦାଙ୍କ ନାମ ନ ଥିବା ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି ।

# ସିଭିଲ୍ ଜଜକୋର୍ଟକୁ ନେଇ ଜନ ଅସନ୍ତୋଷ



ସଚେତନ ନାଗରିକ ମଞ୍ଚର ସଭା।

**କୋକସରା,୪ା୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ସଚେତନ ନାଗରିକ ମଞ୍ଚ ଓ ଜନ ପ୍ରତିନିଧି ମଙ୍ଗଳବାର ସିଭିଲ ଜଜ(ସିନିଅର ଡିଭିଜନ) କୋର୍ଟକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଛି। ନାଗରିକ ମଞ୍ଚର ସମ୍ପାଦକ ମୀନକେତନ ପ୍ରଧାନୀଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଜୟପାଟଣା କୋକସରା ଓ କଲମପୁର ଅଞ୍ଚଳ ପାଇଁ ଜୟପାଟଣାଠାରେ ସିଭିଲ ଜଜ(ସିନିଅର ଡିଭିଜନ) କୋର୍ଟ ଖୋଲା ଯିବା ପାଇଁ ମଞ୍ଜୁରି ହେବା ପରେ କୋକସରା ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଉଥିବା ନେଇ ଉକ୍ତ ସଭାରେ ମତ ବ୍ୟକ୍ତ ହୋଇଥିଲା । ବର୍ତ୍ତମାନ କୋକସରା ଅଞ୍ଚଳରେ ସିଭିଲ କେସ ମାମଲା ବିଚାର ପାଇଁ ସିଭିଲ ଜର୍ଜ କୋର୍ଟ ରହିଛି। ସିଭିଲ ଜର୍ଜ କୋର୍ଟ ପାଇଁ ଧର୍ମଗଡ଼ କୋର୍ଟ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ତାହା ଜୟପାଟଣାକୁ ସ୍ଥାନାନ୍ତର ହୋଇଛି । କୋକସରାରୁ ଜୟପାଟଣାକୁ ଯିବାକୁ ହେଲେ ଉପଯୁକ୍ତ ଗମନା ଗମନର ସୁବିଧା ଓ ପରିବେଶକୁ ନେଇ କୋକସରା ସଚେତନ ମଞ୍ଚ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବ ଭଳି ଧର୍ମଗଡ଼ରେ ରହିଲେ ସମସ୍ତଙ୍କ ସୁବିଧା ହେବ ବୋଲି ଉପସ୍ଥିତ ସଚେତନ ନାଗରିକମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ମୀନକେତନ ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଜୋନ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, କାଶୀବାହାଲ ପଞ୍ଚାୟତ ସମିତି ସଭ୍ୟ ଗଜାନନ ନିଆଲ, ବିନୋଦ ରାଉତ, ପଙ୍କଜ ପୋଡ଼, ଧବଳେଶ୍ୱର ନାଗ, ଗୋବର୍ଦ୍ଧନ ବାଗ, ରମେଶ ଦୁର୍ଗା, ଚିତ୍ରସେନ କଟା, ଧବଳେଶ୍ୱର ଗହୀର, ପରମେଶ୍ୱର ପାଣିଗ୍ରାହୀ ସ୍ଥାନୀୟ ଆଇନଜୀବୀମାନେ ଉପସ୍ଥିତ ଥିଲେ। ମିଳିତ କ୍ରିୟାନୁଷ୍ଠାନ ସମିତି ଆଗାମୀ ଦିନରେ ଉପଯୁକ୍ତ ଫୋରମରେ ଏହାର ଦାବୀ ଉପସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ପିକ୍‌ଅପ ସହ କାଠ ଜବତ, ଅଭିଯୁକ୍ତ ଗିରଫ


ଜବତ କାଠ ବୋଝେଇ ପିକ୍‌ଅପ।

**ଖପ୍ରାଖୋଲ, ୪ା୫(ଡି.ଏନ.ଏ.)**

**ବନ ବିଭାଗ ଚଢ଼ାଉ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଡୁଡୁକିପଦର ଗାଁ ନିକଟ ଠୁଟା ଜଙ୍ଗଲରୁ ଏକ ପିକ୍‌ଅପରେ ଖଇର କାଠ ଚୋରାଚାଲାଣ ବେଳେ ବନବିଭାଗ ଚଢ଼ାଉ କରିଥିଲା। କାଠ ବୋଝେଇ ପିକ୍‌ଅପ(ଓଆର୦୩-ସି-୨୫୫୬)କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ପାଟଣାଗଡ ଥାନା ଅଧୀନ କୁକୁରମୁଣ୍ଡା ଗାଁର ସରଜୁ ମେହେର(୫୫)। ଜବତ କାଠର ଓଜନ ପ୍ରାୟ ୨୦କୁଇଣ୍ଟାଲ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୪୫ହଜାର ଟଙ୍କା ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଏକ ମାମଲା(୩୩/୨୩-୨୪)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ଗିରୀଧାରୀ ନାଗ କହିଛନ୍ତି। ଫରେଷ୍ଟର ସୁଧିର ଜେନାଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ରାଜେନ୍ଦ୍ର ଧାରୁଆ, ପିତାମ୍ବର ମାଝି ଓ ବନ ସୁରକ୍ଷା ଦଳ ସାମିଲ ହୋଇଥିଲେ।

# ଆସନ୍ତା ୧୫ ଯାଏ ବଢ଼ିପାରେ ରବି ଜଳସେଚନ ଅବଧି

**ଭବାନୀପାଟଣା,୪ା୫(ସ୍ୱ.ପ୍ର)**

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଗତ ଜାନୁଆରୀ ୬ରୁ ରବି ଜଳସେଚନ ଆରମ୍ଭ ହୋଇଥିଲା। ଆସନ୍ତା ୬ରେ ଏହାର ଅବଧି ସରିବାକୁ ଥିବା ବେଳେ ଚାଷୀଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ମେ ୧୫ ପର୍ଯ୍ୟନ୍ତ ଜଳସେଚନକୁ ବୃଦ୍ଧି କରାଯାଇ ପାରେ ବୋଲି ଜଣାପଡ଼ିଛି। ତେବେ ଧାନ ପାକଳ ହୋଇ ଆସୁଥିବାରୁ ବର୍ତ୍ତମାନ ଜଳ ଯୋଗାଣ ବନ୍ଦ ହେଲେ ଚାଷୀମାନେ ଧାନ ଅମଳ କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଗତ ଜାନୁଆରୀ ୬ରେ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ୬୩୮ ମିଟର ଥିବାବେଳେ ଜଳସେଚନ ଆରମ୍ଭ କରାଯାଇ ବାମ କେନାଲ ଓ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲର ୪୭,୫୧୨ହେକ୍ଟର ଜମିକୁ ଜଳସେଚିତ କରାଯାଇଥିଲା। ୪ମାସ ପରେ ଜଳଭଣ୍ଡାରର ଜଳସ୍ତର ୬୩୨.୮୬ ମିଟରରେ ପହଞ୍ଚିଛି। ଅର୍ଥାତ୍ ମୋଟ ଜଳ ସଂରକ୍ଷଣ ୩୭.୭୩ପ୍ରତିଶତରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତବର୍ଷ ଜଳ ଭଣ୍ଡାରରେ ଗଚ୍ଛିତ ଜଳର ପରିମାଣ ସନ୍ତୋଷଜନକ ଥିବାବେଳେ ରବି ଜଳସେଚନ ଅବଧି ପରେ ସେହି ଗଚ୍ଛିତ ଜଳକୁ କେବଳ ବିଦ୍ୟୁତ୍ ଉତ୍ପାଦନରେ ଖର୍ଚ୍ଚ ନ କରି ପରବର୍ତ୍ତୀ ଖରିଫ ଜଳସେଚନ ପାଇଁ ସଞ୍ଚିତ କରି ରଖିବାକୁ ଦାବି ହେଉଛି।


ମଙ୍ଗଳପୁର ବ୍ୟାରେଜରୁ ଇନ୍ଦ୍ରାବତୀ ପାଣି ନିଷ୍କାସିତ।

# ମଧୁମାଧବ ତୀର୍ଥ କ୍ଷେତ୍ରରେ ଚନ୍ଦନ ଯାତ୍ରା

**କୋକସରା,୪ା୫(ଡି.ଏନ୍.ଏ.)**

କୋକସରା ବ୍ଲକ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପର୍ଯ୍ୟଟନ ସ୍ଥଳୀ ତଥା ମଧୁମାଧବ ତୀର୍ଥକ୍ଷେତ୍ରରେ ଚନ୍ଦନ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଅଧିବାସ ଏବଂ କଳସ ଯାତ୍ରା ମଧ ହୋଇଛି। ପୂଣ୍ୟକୁଣ୍ଡରୁ ପବିତ୍ର ଜଳ ଆଣି ସ୍ଥାପନ କରିବା ପରେ ଗୁରୁବାର ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ରାଜୀବ କୁମାର ଅଗ୍ରୱାଲ,ସ୍ତ୍ରୀ ରିତା, ଖଲିଗଡ଼ ଗ୍ରାମର ଡମ୍ବରୁ ମାଝୀ ଓ ଲୋଚନା କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ଡୁଡୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ଗ୍ରାମବାସୀଙ୍କ ସୌଜନ୍ୟରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଯାତ୍ରା କମିଟି ସଭାପତି ଡମ୍ବରୁ ମାଝୀ, ଉପ ସଭାପତି କମଳ ନାୟକ, ସମ୍ପାଦକ ତ୍ରିନାଥ ପୂଜାରୀ, କୋଷାଧ୍ୟକ୍ଷ ନରେନ୍ଦ୍ର ବାଗ, ଖଲିଗଡ଼ ଗ୍ରାମବାସୀ, ଗୁଡ଼ହାଣ୍ଡି ଉନ୍ନୟନ କମିଟି ପକ୍ଷରୁ ସଭାପତି ଭଦରେଶ୍ୱର ପାତ୍ର, ଉପ ସଭାପତି ଘନଶ୍ୟାମ ନାୟକ, ଅଇରୀ ନାସନ ଚିନ୍ଦା, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, ଚକାଡୋଳା ପାତ୍ର, ଯତୀନ ମାଝୀ, ଦୁଷ୍ମନ୍ତ ପାଟଯୋଷୀ, ସହଦେ ମାଝୀ, ଭୁବନାନନ୍ଦ ନାୟକ, ଅନିରୁଦ୍ଧ ମାଝୀ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଅଷ୍ଟ ପ୍ରହର ନାମଯଜ୍ଞ ସମାପନ ଓ ଦହିହାଣ୍ଡି ଭଗ୍ନ କାର୍ଯ୍ୟକ୍ରମ ରହିଛି। ଚନ୍ଦନ ଯାତ୍ରା ଦେଖିବାକୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା।


କଳସ ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁ।

## ସଂକ୍ଷେପରେ

### ଜିଲାପାଳଙ୍କ ପାଖରେ ଫେରାଦ ହେଲେ ଗ୍ରାମବାସୀ

**ଗୋଚର ଜମିରେ ପୋଖରୀ ଖନନରେ ଅନିୟମିତତା ଅଭିଯୋଗ**




**ବୌଦ୍ଧ,୪।୫(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୨୨-୨୩ ମସିହାରେ ଦୁର୍ନୀତି ହୋଇଥିବା ଅଭିଯୋଗ ପରେ ଗତ ବୁଧବାରଠାରୁ ବୈଷୟିକ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି । ବୈଷୟିକ ଟିମ୍ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଯାଞ୍ଚ କରୁଥିବା ବେଳେ ଗୁରୁବାର ଗ୍ରାମବାସୀ ଏକ ଗୋଚର ଜମିରେ ପୋଖରୀ ଖନନରେ ଅନିୟମିତତା ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲୁଣିବାହାଲ ଗ୍ରାମ ପଞ୍ଚାୟତ ବାରବାଣି ଗ୍ରାମରେ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଗୋଚର ଜମି ଖାତା ନଂ ୪୩ ଓ ପ୍ଲଟ ନଂ ୫୮, ୫୯, ୬୦ରେ ଗ୍ରାମବାସୀ ପେଟ ପାଟଣା ପାଇଁ ମେଟାଲ ଖନନ କରିଥିଲେ। କିନ୍ତୁ ଉକ୍ତ ଜମିରେ ପୋଖରୀ ଖନନ ହୋଇଥିବା ଦର୍ଶାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅର୍ଥରୁ ୧୦ ଲକ୍ଷ ଟଙ୍କା ପୋଖରୀ ଖନନ ନାମରେ ବିଲ କରି ଅର୍ଥ ଉଠାଣ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗୋଚର ଜମିରେ କୌଣସି ପୋଖରୀ ଖନନର ନିୟମ ନ ଥିବା ବେଳେ ଏଠାରେ କିପରି ପୋଖରୀ ଖନନ ହେଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

### ୧୬ ପ୍ରହର ନାମଯଜ୍ଞ

**ସିନାପାଲି,୪।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ଗ୍ରାମରେ ୧୬ ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମରୁ ଏକ କଳସ ଶୋଭାଯାତ୍ରା ଉଦନ୍ତୀ ନଦୀକୂଳରେ ପହଞ୍ଚିଥିଲେ। କଳସ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ହଲୁରାମ ଦଣ୍ଡସେନା ଓ ତାଙ୍କ ସ୍ତ୍ରୀ ଚନ୍ଦ୍ରବାଇ ଦଣ୍ଡସେନା କାର୍ଯ୍ୟ ତୁଲାଇଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଗୁଡ଼ଭେଲା,୪।୫(ଡି.ଏନ.ଏ.):** ବଲାଙ୍ଗୀର ମୋବାଇଲ ଟିମ ଓ ତୁଷୁରା ଅବକାରୀ ବିଭାଗ ମିଳିତ ଭାବେ ଗୁରୁବାର ପାଟ୍ରୋଲିଂ କରୁଥିବା ବେଳେ ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ସିରାବାହାଲ ଛକଠାରେ ୯ କେଜି ଗଞ୍ଜେଇ ଜବତ କରିଛି। ବାଇକ ନମ୍ବର ଓଆର- ୧୩-୯୫୫୭ ରେ ଚାଲାଣ କରୁଥିବା ବୌଦ୍ଧ ଜିଲା କଣ୍ଟାମାଳ ଥାନା ଟପନା ଗ୍ରାମର ସୁମନ ମହାନନ୍ଦ(୨୩)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ବଲାଙ୍ଗୀର ସଦର ଇନ୍ସପେକ୍ଟର ସରୋଜ କୁମାର ପରିଡା, ଏଏସଆଇ ତୁଲେଶ୍ୱର କୁମୁରା ଚଢାଉରେ ସାମିଲ ଥିଲେ।

# ହତ୍ୟାକାଣ୍ଡ ଭିଆଇଥିଲେ ସମ୍ପର୍କୀୟ ଭଣଜା

**ବରଗଡ଼ ଟ୍ରିପଲ ମର୍ଡର ଘଟଣାର ପର୍ଦ୍ଦାଫାଶ**

- ସମ୍ପତ୍ତି ଲୋଭ, ପ୍ରତିଶୋଧ ପରାୟଣ ହତ୍ୟାର କାରଣ
- ଛତିଶଗଡ଼ରୁ ଅଭିଯୁକ୍ତ ଭଣଜା ସମେତ ୨ ଗିରଫ
- ନାମ ବଦଳାଇ ଲୁଚି ରହିଥିଲେ ମୁଖ୍ୟ ଅଭିଯୁକ୍ତ
- ଧରାପଡ଼ିବା ଭୟରେ ମୋବାଇଲ ବନ୍ଦ ରଖିଥିଲେ

**ବରଗଡ଼ ଅଫିସ,୪।୫**

ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ଆଖିଫୁଟା ଗ୍ରାମରେ ଗତ ଏପ୍ରିଲ ୧୭ତାରିଖ ବିଳମ୍ବିତ ରାତିରେ ସଂଘଟିତ ଟ୍ରିପଲ ମର୍ଡର ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଚୁନିଆମୁଣ୍ଡା ଗ୍ରାମର ବସୁଦେବ ଓରଫ ଅନାମ ସାହୁ(୨୭) ଏବଂ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ବୋଲଦା ଥାନା ବୋଲଦା ନିବାସୀ ଶ୍ରବଣ ରଣା(୩୭)। ବସୁଦେବ ମୃତକଙ୍କ ସମ୍ପର୍କୀୟ ଭଣଜା। ସେ ହତ୍ୟାକାଣ୍ଡ ଭିଆଇଥିବା ଏବଂ ମୃତକଙ୍କ ଘରୁ ଚୋରି ସୁନା ଗହଣାକୁ ଅନ୍ୟ ଅଭିଯୁକ୍ତ ଶ୍ରବଣ ବସୁଦେବଙ୍କଠାରୁ କିଣିଥିବାରୁ ଉଭୟଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ପାଖରୁ ମୃତକଙ୍କ ଘରୁ ଚୋରି ହୋଇଥିବା ୭.୫ ଗ୍ରାମର ସୁନାଚେନ, ହତ୍ୟାକାଣ୍ଡରେ ବ୍ୟବହୃତ କାଠପିଣ୍ଡା, ଫାଡ଼ା ଏବଂ ମୁଖ୍ୟ ଅଭିଯୁକ୍ତଙ୍କ ରକ୍ତଭିଜା ପୋଷାକ ଜବତ ହୋଇଛି। ଏ ନେଇ ଭେଡ଼େନ ଥାନା ପୋଲିସ ଦଫା ୩୦୨ କ୍ରମେ ଏକ ମାମଲା (ନଂ.୧୨୯/୨୩) ରୁଜୁ କରି ଗିରଫ ୨ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମିନା ସୂଚନା ଦେଇ କହିଥିଲେ, ଆଖିଫୁଟା ଗ୍ରାମରେ ଟଙ୍କଧର ସାହୁ ତାଙ୍କର ୨ସ୍ତ୍ରୀ ଦ୍ରୌପଦୀ ଓ ମାଧବୀଙ୍କ ସହ ରହୁଥିଲେ। ପିଲାଛୁଆ ନ ହେବାରୁ ଟଙ୍କଧର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବସୁଦେବଙ୍କୁ ପୌଷ୍ୟପୁତ୍ର ଭାବେ ଗ୍ରହଣ କରିବାକୁ ରାଜି ଥିଲେ। ଏହି କ୍ରମରେ ଗତବର୍ଷ ଅଗଷ୍ଟ ମାସରେ ବସୁଦେବ ଟଙ୍କଧରଙ୍କ ଘରକୁ ଆସି ରହୁଥିଲେ। ସେତେବେଳେ ୧୦ଦିନର ରହଣୀ ମଧ୍ୟରେ ବସୁଦେବ କଳିଗୋଳ ଆରମ୍ଭ କରିବା ସହ ଖାଦ୍ୟରେ ନିଶା ବଟିକା ଦେଉଥିବାରୁ ପରିବାର ଲୋକେ ବିଳମ୍ବ ଯାଏ ଶୋଇ ପଡୁଥିବା ଟଙ୍କଧରଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଘଟଣାକ୍ରମରେ ସେହି ସମୟରେ ବସୁଦେବ ଟଙ୍କଧରଙ୍କ ସ୍କୁଟି ଏବଂ ଘରେ ଥିବା ୩୦ହଜାର ଟଙ୍କା ଧରି ଘରୁ ଚାଲିଯାଇଥିଲେ। ମାତ୍ର ଛତିଶଗଡ଼ ରାଜ୍ୟ ସରେଇପାଲି ଥାନା ପୋଲିସ ଗାଡ଼ିମୋଟର ଯାଞ୍ଚ କରୁଥିଲା ଏବଂ ବିନା ହେଲମେଟ୍‌ରେ ଯାଉଥିବା ବସୁଦେବ ସେଠାକାର ପୋଲିସ ହାତରେ ଧରାପଡ଼ିଥିଲେ।

ଖବର ପାଇ ଟଙ୍କଧର ସେଠାରେ ଜରିମାନା ଦେଇ ସ୍କୁଟି ଆଣିବା ସହ ବସୁଦେବଙ୍କ ଚୁନିଆଁମୁଣ୍ଡା ସ୍ଥିତ ଘରକୁ ଯାଇଥିଲେ। ଘଟଣା ସମ୍ପର୍କରେ ସେ ବସୁଦେବଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ କହିଥିଲେ। ଫଳରେ ବସୁଦେବ ନିଜେ ଅପମାନବୋଧ ଅନୁଭବ କରିବା ସହିତ ସେହିଦିନଠାରୁ ପ୍ରତିଶୋଧ ପରାୟଣ ହୋଇପଡିଥିଲେ। ତାଙ୍କୁ ଆଉ ପୌଷ୍ୟପୁତ୍ର ଭାବେ ଗ୍ରହଣ କରିବା ମାନସିକତାରେ ନ ଥିବା ଜାଣିପାରି ବସୁଦେବ ତାମିଲନାଡୁ ରାଜ୍ୟ ତ୍ରିପୁରକୁ ଚାଲିଯାଇଥିଲେ ଏବଂ ଟଙ୍କଧରଙ୍କ ପରିବାର ଲୋକଙ୍କୁ ଜୀବନରେ ମାରି ସମ୍ପତ୍ତି ଲୁଟିବାକୁ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ବସୁଦେବ ଟ୍ରେନ ଯୋଗେ ତ୍ରିପୁରରୁ ବରଗଡ଼ ଅଭିମୁଖେ ବାହାରିଥିଲେ। ବରଗଡ଼ ଷ୍ଟେଶନରୁ ଓହ୍ଲାଇ ସେ ଛତିଶଗଡ଼ ସରାଇପାଲି ଯାଇଥିଲେ ଏବଂ ସେଠାରେ ରାହୁଲ ନାମରେ କିଛିଦିନ ରହିବା ପରେ ଗତ ଏପ୍ରିଲ ୧୭ତାରିଖରେ ବସ୍ ଯୋଗେ ଆଖିଫୁଟା ସ୍ଥିତ ଟଙ୍କଧରଙ୍କ ଘରକୁ ବାହାରିଥିଲେ। ବାଟରେ ମହୁଲପାଲି ଛକରେ ବସ୍‌ରୁ ଓହ୍ଲାଇଥିଲେ ଏବଂ ସନ୍ଧ୍ୟା ସମୟରେ ଆଖିଫୁଟା ଗ୍ରାମ ପଟକୁ ଚାଲି ଚାଲି ଯାଇ ଗ୍ରାମ ଉପକଣ୍ଠ ଏକ ଘର ବାରଣ୍ଡାରେ ଆଶ୍ରୟ ନେଇଥିଲେ। ପରେ ସେ ବିଳମ୍ବିତ ରାତିରେ ଟଙ୍କଧରଙ୍କ ଘରକୁ ଆସି ଛାତପଟୁ ବସୁଦେବ ପଶିଥିଲେ ଏବଂ ହତ୍ୟାକାଣ୍ଡ ଭିଆଇଥିଲେ ବୋଲି ଏସ୍‌ପି କହିଛନ୍ତି।

ହତ୍ୟାକାଣ୍ଡକୁ ନେଇ ମୃତ ଟଙ୍କଧରଙ୍କ ସମ୍ପର୍କୀୟ ଭେଡ଼େନ ଥାନା ଗଣ୍ଡିଆପାଲି ନିବାସୀ ଧନପତି ସାହୁଙ୍କ ଏତଲା କ୍ରମେ ପୋଲିସ ଉକ୍ତ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟାକାଣ୍ଡର ପର୍ଦ୍ଦାଫାସ ଏବଂ ଅଭିଯୁକ୍ତଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ଏସ୍‌ପି ମିନା ୨ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରିଥିଲେ। ଅଭିଯୁକ୍ତ ବସୁଦେବ ଛତିଶଗଡ଼ ରାଜ୍ୟ ବୋଲଦା ଥାନା ବୋଲଦା ଗଣ୍ଡାପଡ଼ାରେ ରାହୁଲ ନାମରେ ଲୁଚିରହିଥିବା ଖବର ପାଇ ବୁଧବାର ପୋଲିସର ଏକ ଟିମ୍ ସେଠାକୁ ଯାଇ ବସୁଦେବଙ୍କୁ ଉଠାଇ ଆଣିଥିଲା। ଜେରାବେଳେ ଟଙ୍କଧରଙ୍କ ଘରୁ ଚୋରି କରିଥିବା ସୁନା ଅଳଙ୍କାର ବୋଲଦାର ଶ୍ରବଣଙ୍କ ପାଖରେ ବିକିଥିବା ଜାଣି ପୋଲିସ ତାଙ୍କୁ ମଧ୍ୟ ଉଠାଇ ଆଣିଥିଲା। ତେବେ ଗତ ଏପ୍ରିଲ ୧୭ତାରିଖ ବିଳମ୍ବିତ ରାତିରୁ ହତ୍ୟାକାଣ୍ଡ ଘଟିଥିବାବେଳେ ମୁଖ୍ୟ ଅଭିଯୁକ୍ତ ବସୁଦେବ ହତ୍ୟାକାଣ୍ଡର ୫ଦିନ ପୂର୍ବରୁ ଅର୍ଥାତ୍ ସେହି ମାସ ୧୨ତାରିଖରୁ ଏପର୍ଯ୍ୟନ୍ତ ନିଜ ମୋବାଇଲ ବନ୍ଦ ରଖି ଅନ୍ୟ ଜଣଙ୍କ ମୋବାଇଲ ବ୍ୟବହାର କରିଆସୁଥିଲେ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ଭେଡ଼େନ ଥାନା ଆଇଆଇସି ସଙ୍ଗୀତା ମହାପାତ୍ର ଉପସ୍ଥିତ ଥିଲେ। ଏହି ହତ୍ୟାକାଣ୍ଡ ପୂର୍ବରୁ ଭେଡ଼େନ ଥାନା ଜାଣ୍ଡୋଲ ଗ୍ରାମରେ ଏକ ଘରୁ ପରିବାରର ୪ସଦସ୍ୟଙ୍କ ମୃତଦେହ ଉଦ୍ଧାର ଘଟଣାରୁ ପରଦା ଏବେ ମଧ୍ୟ ହଟିପାରିନାହିଁ। ତେବେ ସେ ନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ମିନା କହିଛନ୍ତି ।


ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ସୂଚନା ଦେଉଛନ୍ତି।

## ସୁନା ଚେନ୍ ଲୁଟ୍ : ଥାନାରେ ମାମଲା

**ବିନିକା,୪।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରେ ଚୋରି, ଲୁଟ୍, ରାହାଜାନୀ,ଡକାୟତି ଘଟଣା ବଢି ଚାଲିଛି । ରାସ୍ତାରେ ଯାଉଥିବା ଲୋକଙ୍କଠାରୁ ଦୁର୍ବୃତ୍ତମାନେ କେତେବେଳେ ଟଙ୍କା ତ ଆଉ କେତେବେଳେ ସୁନା ଅଳଙ୍କାର ଲୁଟି ନେଇ ଫେରାର ମାରୁଛନ୍ତି। ଫଳରେ ଝିଅ ବୋହୂ ରାସ୍ତାରେ ଯିବାକୁ ସୁରକ୍ଷିତ ମନେ କରୁନାହାନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବିନିକା-ସୋନପୁର ମୁଖ୍ୟ ରାସ୍ତାରେ । ଏହି ରାସ୍ତାରେ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ପ୍ରକାଶ ଯେ, ସମ୍ବଲପୁର ଜିଲା ଧମା ଥାନା ଅଧୀନ ସାହାସପୁର ଗ୍ରାମର ତ୍ରିଲୋଚନ ପଣ୍ଡା ଓ ତାଙ୍କ ସ୍ତ୍ରୀ ରେଣୁକା ବୁଧବାର ଅପରାହ୍ନରେ ବିନିକା ଏନଏସି ଅଧୀନ ଡଭଲା ଗ୍ରାମରେ ଭୋଜି ଖାଇ ଏକ ସ୍କୁଟିରେ ଫୁଲମୁଠି ଗ୍ରାମକୁ ଯାଉଥିଲେ । ବାଟରେ ତାଙ୍କ ପଛେ ପଛେ ଏକ ଗାଡ଼ିରେ ଦୁର୍ବୃତ୍ତମାନେ ଆସି ହଠାତ୍ ରେଣୁକା ବେକରେ ଲଗାଇଥିବା ୪୦ ଗ୍ରାମର ଦୁଇଟି ସୁନା ଚେନ ଲୁଟି ନେଇ ଦ୍ରୁତ ଗତିରେ ସୋନପୁର ଆଡ଼କୁ ଚାଲି ଯାଇଥିଲେ । ରାସ୍ତାରେ ଯାଉଥିବା ଲୋକେ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଦୁର୍ବୃତ୍ତଙ୍କ ପିଛା କରିଥିଲେ ହେଁ ସେମାନେ ଧରା ପଡ଼ି ନ ଥିଲେ । ଗୁରୁବାର ରେଣୁକା ଏନେଇ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଳେ ସିସି ଟିଭି ଫୁଟେଜ ଯାଞ୍ଚ କରାଯାଇଥିବା ଜଣାପଡିଛି। ପୋଲିସ ସନ୍ଦେହରେ ୩ ଜଣକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି ।

## ବିଜେତା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ



କାର୍ଯ୍ୟକ୍ରମରେ ବରଗଡ଼ ଜିଲାପାଳ ବକ୍ତବ୍ୟ ରଖୁଛନ୍ତି।

**ବରଗଡ଼ ଅଫିସ,୪।୫**

ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ବରଗଡ଼ ଜିଲାରେ ଚାଲିଥିବା ବିଜେତା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ବରଗଡ଼ ଉପଖଣ୍ଡର ୭୨ ୫-ଟି ରୂପାନ୍ତରିତ ବିଦ୍ୟାଳୟ ଗୁଡ଼ିକରେ ଦ୍ୱିତୀୟ ପର୍ଯ୍ୟାୟ ବିଜେତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ୭୨ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଛତ୍ରପତି ସାହୁ, ଜ୍ୟୋତିକାନ୍ତ ସାହୁ, ବରଗଡ଼ ବିଇଓ ସେବାଶ୍ରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ବିଜେତା କାର୍ଯ୍ୟକ୍ରମର ସଂଯୋଜକ ମନୋଜ କୁମାର ସାହୁ ଆଭିମୁଖ୍ୟ ଏବଂ କାର୍ଯ୍ୟଧାରାକୁ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସମସ୍ତ ପ୍ରଧାନଶିକ୍ଷକ ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତ ଉପସ୍ଥାପନ କରିଥିଲେ। ଡୋଲାମଣି ଶତପଥି, ଭାର୍ଗବ ନାଏକ, ଗୋପୀନାଥ ପ୍ରଧାନ, ସଦାନନ୍ଦ ଜାଲ, ବିଜ୍ଞାନ କେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ୟାସ୍‌ରୁ ନିଆଁ ଲାଗି ଜଳିଗଲା ଦୋକାନ: ଦୋକାନୀ ଆହତ

**ବୌଦ୍ଧ,୪।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ଥାନା ଧଳପୁର ପଞ୍ଚାୟତର ଧଳପୁର ପାଣିଟାଙ୍କି ନିକଟରେ ରବିନ୍ଦ୍ର ନାଏକ କରିଥିବା ରାସନ ଦୋକାନରେ ଗୁରୁବାର ମଧ୍ୟାହ୍ନ ୧୨ଟା ବେଳେ ହଠାତ୍ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ସୂଚନା ଅନୁଯାୟୀ, ରବିନ୍ଦ୍ର ସକାଳୁ ଦୋକାନ ଖୋଲି କାରବାର କରୁଥିଲେ । ତେବେ ସେ ଦୋକାନର ପଛପଟେ ନିଜେ ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଫଳରେ ଦୋକାନରେ ଥିବା ସାମଗ୍ରୀ ପୋଡିଯିବା ସହ ସେ ନିଆଁ ଲିଭାଇବାକୁ ଯାଇ ଆହତ ହୋଇଥିଲେ । ଆଠମଲ୍ଲିକ ଦମକଳ ବାହାନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଆହତ ରବିନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଆଠମଲ୍ଲିକ ଡାକ୍ତରଖାନା କୁ ପଠାଯାଇଥିବା ଜଣାଯାଇଛି । କ୍ଷତିଗ୍ରସ୍ତ ଦୋକାନୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି ।

## ବୈଶାଖ ମେଳାରେ ପାନୀୟ ଜଳ ବଣ୍ଟନ

**ପାଇକମାଲ,୪।୫(ଡି.ଏନ୍.ଏ.)**

ବରଗଡ଼ ଜିଲା ପାଇକମାଲ ବ୍ଲକ ନୃସିଂହନାଥ ପୀଠରେ ବୈଶାଖ ମେଳା ଉପଲକ୍ଷେ ପଦ୍ମପୁର ସବ୍‌ଡିଭିଜନ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ଶୀତଳ ପାନୀୟ ଜଳ ବଣ୍ଟନ କରାଯାଇଛି। ଏହି ଜଳଛତ୍ରକୁ ଉପଜିଲାପାଳ ସଦାକର କୁମ୍ଭାର ଓ ପାଇକମାଲ ବିଡିଓ ସୁରେନ୍ଦ୍ର କୁମାର ସାହୁ ଶୁଭାରମ୍ଭ କରିଥିଲେ। ସଂଘ ସଭାପତି ବଢ଼ ଶତପଥୀ, ସମ୍ପାଦକ ରମେଶ ବାରିକ, କୋଷାଧ୍ୟକ୍ଷ ସୁରଥ ସାହୁ, ରଞ୍ଜନ ଦେବତା, ଜୋହନ କୁମ୍ଭାର, ଦେବେନ ସାହୁ, ଧୀରେନ ମହାନ୍ତି, ପ୍ରଦୀପ୍ତ ଦାସ, କିରଟି ସାହୁ, ଅଶ୍ୱିନୀ ଧରୁଆ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷକ ଲିଙ୍ଗରାଜ ସାହୁ, ଶିକ୍ଷକ ନରସିଂହ ପ୍ରଧାନ, ସ୍ମୃତି ରଞ୍ଜନ ସାହୁ, ବିଜୟ ବାଗ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ସାମ୍ବାଦିକ ସଂଘ ପକ୍ଷରୁ ନୃସିଂହନାଥ ସଂସ୍କୃତ ବିଦ୍ୟାନିକେତନ ସମ୍ମୁଖରେ ପାନୀୟ ଜଳ ବଣ୍ଟନ କରାଯିବ ବୋଲି ସଂଘ ସଭାପତି ଶତପଥୀ ସୂଚନା ଦେଇଛନ୍ତି।


ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି।

## କମ୍ରେଡକୁ ହରାଇ ପିସିସିର ରୋମାଞ୍ଚକର ବିଜୟ

**ବିପିଏଲ ସିଜନ-୩**

**ବିନିକା,୪।୫(ଡି.ଏନ.ଏ.)**

ବିନିକା ସ୍ପୋର୍ଟସ କ୍ଲବ ତରଫରୁ ଗୁରୁବାର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ରାଉଣ୍ଡର ପ୍ରଥମ ମ୍ୟାଚରେ କମ୍ରେଡକୁ ହରାଇ ପିସିସି ରୋମାଞ୍ଚକର ବିଜୟ ହାସଲ କରିଛି । ଟସ୍ ଜିଣି ପିସିସି ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୭ ଉଇକେଟ ହରାଇ ୫୪ରନ କରିଥିଲା । ତାର ଜବାବରେ କମ୍ରେଡ ସମସ୍ତ ଉଇକେଟ ହରାଇ ମାତ୍ର ୫୦ରନ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚକୁ ବିନୋଦ ପାତ୍ର ଓ ଦାଶରଥି ମିଶ୍ର ପରିଚାଳନା କରିଥିଲେ। ସ୍କୋରର ଭାବେ ସରୋଜ ମହାନ୍ତି, ଆଲୋକ ସେଠୀ ଏବଂ ମ୍ୟାଚର ଧାରା ବିବରଣୀ ବୈରାଗୀ ପ୍ରଧାନ, ପ୍ରଦୀପ ମହାଲିଂ ପ୍ରଦାନ କରିଥିଲେ। ସମ୍ପାଦକ ମନୋଜ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସୈନିକ ସୁକେଶ ସାମନ୍ତରାୟ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୁବ ବ୍ୟବସାୟୀ ତଥା ନିହାର ଏଣ୍ଟରପ୍ରାଇଜେସ ମାଲିକ ପ୍ରକାଶ ପଣ୍ଡା, ସମ୍ମାନିତ ଅତିଥି ଭାବେ ଗ୍ରାମ ରୋଜଗାର ସେବକ ନବଜୀବନ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବିଜୟୀ/ରନର୍ସ ଅପ୍ ଦଳ ଓ ପିସିସି ଦଳର କୁଶ ମାଝୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶୁକ୍ରବାର ଅପରାହ୍ନରେ ଆନ୍ୟା ସ୍ପୋର୍ଟିଙ୍ଗ ବନାମ ତ୍ରିରଙ୍ଗା ଯୁଥ କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ପିକ୍‌ଅପ ସହ କାଠ ଜବତ, ଅଭିଯୁକ୍ତ ଗିରଫ

**ଖପ୍ରାଖୋଲ, ୪।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଡୁଡୁକିପଦର ଗାଁ ନିକଟ ଠୁଟା ଜଙ୍ଗଲରୁ ଏକ ପିକ୍‌ଅପରେ ଖଇର କାଠ ଚୋରାଚାଲାଣ ବେଳେ ବନବିଭାଗ ଚଢ଼ାଉ କରିଥିଲା। କାଠ ବୋଝେଇ ପିକ୍‌ଅପ(ଓଆର୦୩-ସି-୨୫୫୬)କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ପାଟଣାଗଡ ଥାନା ଅଧୀନ କୁକୁରମୁଣ୍ଡା ଗାଁର ସରଜୁ ମେହେର(୫୫)। ଜବତ କାଠର ଓଜନ ୨୦ କୁଇଣ୍ଟାଲ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୪୫ହଜାର ଟଙ୍କା ହେବ ।

## ଶାରୀରିକ ପରୀକ୍ଷା ସମୟରେ ହୃଦ୍‌ଘାତ

**ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ନିଯୁକ୍ତି ଆଶାୟୀ**

**ଅନୁଗୋଳ ଅଫିସ, ୪।୫**

ଆଉ ମାତ୍ର ଗୋଟିଏ ପରୀକ୍ଷା ବାକି ଥିଲା। ସେଥିରେ ଉତୀର୍ଣ୍ଣ ହୋଇଥିଲେ ସରକାରୀ ଚାକିରି ନିଶ୍ଚିତ ମିଳିଥାନ୍ତା। ହେଲେ ସେତେବେଳେ ଯାଏ ସମୟ ଦେଲାନି ନିୟତି। ପରୀକ୍ଷା ଦେଉଥିବା ବେଳେ ସେ ହୃଦ୍‌ଘାତର ଶିକାର ହେଲେ। ଆଉ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଲେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ରେ ନିଯୁକ୍ତି ଆଶାୟୀ ବରଗଡ଼ ଜିଲା ଗାଇସିଲାଟ ଥାନା ନୂଆପଲ୍ଲୀ ଗ୍ରାମର ଡାକ୍ତର ସାହୁଙ୍କ ପୁଅ ପୁସ୍ତମ ସାହୁ(୨୨)। ଅନୁଗୋଳ ଜିଲା ନାଲ୍‌କୋ ଷ୍ଟାଡିୟମଠାରେ ଗୁରୁବାର ସିଆଇଏସ୍‌ଏଫ୍‌ରେ ନିଯୁକ୍ତି ପାଇଁ ଚାଲିଥିବା ଶାରୀରିକ ପରୀକ୍ଷା ବେଳେ ଘଟିଥିବା ଏହି ଘଟଣା ନିଯୁକ୍ତି ଅଧିକାରୀ ଓ ଅନ୍ୟ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।

ପ୍ରକାଶ ଯେ, ସିଆଇଏସ୍‌ଏଫ୍‌ରେ ନିଯୁକ୍ତି ପାଇଁ ପୂର୍ବରୁ ହୋଇଥିବା ଲିଖିତ ପରୀକ୍ଷାରେ ପୁସ୍ତମ ସଫଳ ହୋଇଥିଲେ। ତେଣୁ ଶାରୀରିକ ପରୀକ୍ଷା ଦେବାକୁ ସେ ବୁଧବାର ଅନୁଗୋଳ ଆସିଥିଲେ। ଗୁରୁବାର ସକାଳେ ନାଲ୍‌କୋ ଷ୍ଟାଡିୟମଠାରେ ହୋଇଥିବା ଶାରୀରିକ ପରୀକ୍ଷାରେ ସେ ସଫଳତା ପାଇଥିଲେ। ଏପରି କି ୫ କିଲୋମିଟର ଦୌଡ଼କୁ ୧୮ ମିନିଟ୍‌ରେ ଶେଷ କରିଥିଲେ। କିନ୍ତୁ ଏହି ଦୌଡ଼ ଶେଷ କରିବା ପରେ ସେ ହଠାତ୍ ପଡ଼ି ଯାଇଥିଲେ। ସେଠାରେ ଥିବା ନାଲ୍‌କୋର ଡାକ୍ତରୀ ଟିମ୍ ତାଙ୍କୁ ତୁରନ୍ତ ଉଦ୍ଧାର କରି ନାଲ୍‌କୋ ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କୁ ସେଠାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅପରାହ୍ନ ୩ଟା ୨୫ରେ ପୁସ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତରେ ପୁସ୍ତମଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଖବର ପାଇ ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୁସ୍ତମଙ୍କ ସମ୍ପର୍କୀୟ ଭାଇ କହିଛନ୍ତି, ପୁସ୍ତମ ନିଯୁକ୍ତିର ଶେଷ ପର୍ଯ୍ୟାୟରେ ଥିଲେ। କେବଳ ଡାକ୍ତରୀ ପରୀକ୍ଷା ବାକି ଥିଲା। ପୂର୍ବ ପରୀକ୍ଷାଗୁଡ଼ିକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ଏଥିରେ ସଫଳ ହୋଇଥିଲେ ସରକାରୀ ଚାକିରି ପାଇଯାଇଥାନ୍ତେ। ଏହାକୁ ପରିବାର ଲୋକେ ଅପେକ୍ଷା କରିଥିବା ବେଳେ ହଠାତ୍ ଏପରି ଅଘଟଣ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ପୁସ୍ତମଙ୍କ ସମ୍ପର୍କୀୟ ଭାଇ ପ୍ରକାଶ କରିଛନ୍ତି।


ପୁସ୍ତମ ସାହୁ

## ଜୀବନରେ ମାନବୀୟ ମୂଲ୍ୟବୋଧ ଗୁରୁତ୍ୱପୂର୍ଣ୍ଣ

**ଆଲୋଚନାଚକ୍ରରେ ମତପ୍ରକାଶ**

**ବରଗଡ଼ ଅଫିସ,୪।୫**

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ପରିସରରେ ଥିବା ପ୍ରେକ୍ଷାଳୟରେ ବିକାଶ ଡିଗ୍ରୀ କଲେଜ, ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ବିକାଶ ପଲିଟେକ୍‌ନିକ୍, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟ, ବିକାଶ ନର୍ସିଂ କଲେଜ, ଲ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ସାମ୍ପ୍ରତିକ ଜଗତରେ ଯୁବ ପ୍ରତିଭାଙ୍କ କର୍ତ୍ତବ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଭୂମିକା ଉପରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଛାତ୍ରୀଛାତ୍ରଙ୍କ ସହ ସ୍ୱନାମଧନ୍ୟ ଟେଡ୍ ଟକ୍ ପ୍ରବକ୍ତା ଏବଂ ଥିଙ୍କ୍ ପ୍ରଫେସର ଡଃ ଜବାହର ଶୁରିସେଟ୍ଟୀ ଯୋଗଦାନ କରିଥିଲେ। ମାନବୀୟ ମୂଲ୍ୟବୋଧ ମଣିଷ ଜୀବନରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ଅନୁଷ୍ଠାନ ଗୁଡ଼ିକର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ପ୍ରବକ୍ତା ଶୁରିସେଟ୍ଟୀଙ୍କୁ ବିକାଶ ଗ୍ରୁପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପାଧ୍ୟକ୍ଷ ଆର୍‌ଏସ୍‌ଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିବାବେଳେ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବିକାଶରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥି ଏବଂ ଅନ୍ୟମାନେ।

## ଲୋଇସିଂହରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ,(ଡି.ଏନ.ଏ.): ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତର ଲୋଇସିଂହ ଗ୍ରାମ ହରିଜନ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨ତାରିଖରେ ଶତାଧିକ ମହିଳା ନାମ ସଂକୀର୍ତ୍ତନ ସହ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ୩ତାରିଖରେ ନାମଯଜ୍ଞ ସହ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବିଶ୍ୱ କଲ୍ୟାଣ ନିମନ୍ତେ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଇସିଂହ ଗ୍ରାମର ନୃସିଂହ ଚରଣ ସାମଲ ଓ ସହଧର୍ମିଣୀ ଅହଲ୍ୟା ସାମଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆଖପାଖ ଅଞ୍ଚଳରୁ ୬ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗୁରୁବାର ସକାଳୁ ନାମଯଜ୍ଞରେ ପୂର୍ଣ୍ଣାହୁତି ପଡ଼ିଥିଲା।

# ସମ୍ବଲପୁରରେ ଗଡ଼ିବ ମୋ ବସ୍

- ୧୦୦ ବସ୍ ଆସିବ, ଅନୁମୋଦନକୁ ଅପେକ୍ଷା
- ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ

ସମ୍ବଲପୁର,୪।୫(ବ୍ୟୁରୋ)

ସମ୍ବଲପୁରରେ ଖୁବ୍‌ଶୀଘ୍ର ମୋ ବସ୍ ସେବା ଆରମ୍ଭ ହେବ। ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏହା ଲୋକାର୍ପଣ ହୋଇପାରେ ବୋଲି ଆଲୋଚନା ହେଉଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମହାନଗର ନିଗମ ଅନ୍ତର୍ଗତ କାଇଁଶିର ରାସ୍ତାରେ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ ହୋଇଛି। ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଖୁବ୍‌ଶୀଘ୍ର ହେବ। ପ୍ରଥମ ପର୍ଯ୍ୟାୟରେ ୫୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫୦ ମୋଟ ୧୦୦ ବସ୍ ଚଳାଚଳ କରିବ। ଭୁବନେଶ୍ୱର ପରେ ସମ୍ବଲପୁରରେ ସରକାର ମୋ ବସ୍ ସେବା ଆରମ୍ଭ କରିବେ ବୋଲି ଆଲୋଚନା ହେଉଛି। ସମ୍ବଲପୁରରେ ଏବେ ସିଟି ବସ୍ ସେବା ରହିଛି। ମୋଟ ୪୨ ଗୋଟି ସିଟି ବସ୍ ଚଳାଚଳ କରୁଛି। ଟ୍ରାଫିକ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ସହର ଭିତରେ ଏହି ବସ୍ ଚଳାଚଳ କରୁନାହିଁ। ହେଲେ ହୀରାକୁଦ ଓ ବୁର୍ଲା ସହ ପଡ଼ୋଶୀ ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାକୁ ସିଟି ବସ୍ ଚଳାଚଳ କରୁଛି। କେଉଁ ରୁଟ୍‌ରେ କେତେ ବସ୍ ଚାଲିବ, ବସ୍‌ଷ୍ଟାଣ୍ଡ ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ପ୍ରଶାସନ ଏକ ରିପୋର୍ଟ ତିଆରି କରି ପଠାଇଥିବା ଜଣାପଡିଛି। ପରିବହନ ଓ ସରକାରୀ ସ୍ତରରେ ଅନୁମୋଦନ ପରେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। କିଛିଦିନ ପୂର୍ବରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ, ମହାନଗର ନିଗମ କମିଶନର ପ୍ରଦୀପ ସାହୁ ବସ୍‌ଷ୍ଟାଣ୍ଡ ପାଇଁ ଜମି ଚିହ୍ନଟ କରିଥିଲେ। ପ୍ରାୟ ସାଢ଼େ ୪ ଏକର ଜମିରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ମୁଖ୍ୟତଃ ମୋ ବସ୍‌ଗୁଡିକ ଏହି ବସ୍‌ଷ୍ଟାଣ୍ଡରେ ରହି ଚଳାଚଳ କରିବ। ସମ୍ବଲପୁର ମହାନଗର ନିଗମ କମିଶନର ସାହୁ କହିଛନ୍ତି, ଏବେ ମୋ ବସ୍ ଚଳାଚଳ ପାଇଁ ଚୂଡ଼ାନ୍ତ ହୋଇ ନାହିଁ। ଅନୁମୋଦନ ମଧ୍ୟ ଆସି ନାହିଁ। ଡିଜେଲ ଚାଳିତ ବସ୍ ଚଳାଚଳ କରିବା କଷ୍ଟକର। ତେଣୁ ବିକଳ୍ପ ବ୍ୟବସ୍ଥା ଥିବା ଯାନ କିଣାଯାଇ ପାରେ । ଏବେ ମୋ ବସ୍ ଚଳାଚଳ ନେଇ କେବଳ ପ୍ରକ୍ରିୟା ଆରମ୍ଭ ହୋଇଛି।


ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ମହାନଗର ନିଗମ କମିଶନର ବସ୍‌ଷ୍ଟାଣ୍ଡ ଜମି ଚିହ୍ନଟ କରୁଛନ୍ତି।

## କ୍ରିଷ୍ଣା ଢାବା ଭାଙ୍ଗିଲା ପ୍ରଶାସନ


ଜେସିବି ସାହାଯ୍ୟରେ ଢାବା ଭଙ୍ଗାଯାଉଛି।

ରେଢାଖୋଲ,୪।୫(ଡି.ଏନ.ଏ.)

ଚୋରା କୋଇଲା, ଡିଜେଲ, ପେଟ୍ରୋଲ, ଲୁହାରଡ, ଦେଶି ବିଦେଶି ମଦ ସମେତ ଟ୍ରକରେ ପରିବହନ ହେଉଥିବା ବିଭିନ୍ନ ଜିନିଷର ପେଣ୍ଠସ୍ଥଳି ପାଲଟିଥିବା ରେଢାଖୋଲ ଥାନା ୫୫ନଂ. ଜାତୀୟ ରାଜପଥର ବେତଗଡ ଗ୍ରାମ ନିକଟରେ ଥିବା କ୍ରିଷ୍ଣା ଢାବାକୁ ଗୁରୁବାର ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଛି। ତହସିଲଦାର ଦେବାଶିଷ ପାତ୍ର, ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ଉପସ୍ଥିତିରେ ସରକାରୀ ଜାଗାରେ ବେଆଇନ ଭାବେ ଚାଲିଥିବା ଏହି ଢାବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜେସିବି ମେଶିନ ସାହାଯ୍ୟରେ ଭଙ୍ଗାଯାଇଛି। ପୂର୍ବରୁ ତହସିଲଦାର ଏକ ଜବରଦଖଲ ମାମଲା ରୁଜୁ କରାଯାଇଥିବା ବେଳେ ଉଚ୍ଛେଦ ପାଇଁ ନୋଟିସ ଜାରିକରାଯାଇଥିଲା। ବୁଧବାର ପୋଲିସ ଏହି ଢାବାରୁ ଚୋରା କୋଇଲା ୪ ଟନ, ୧୫୦ ଲିଟର ଡିଜେଲ, କୋଇଲା ପରିବହନ କରୁଥିବା ୨ଟି ପିକ୍‌ଅପ ଭ୍ୟାନ ଜବତ କରିବା ସହ ଢାବା ମାଲିକ ବିଜୟ ସାହୁଙ୍କ ସମେତ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଢାବାରେ ଚୋରା କାରବାର ଚାଲିଆସୁଥିବା ନେଇ ବିଭିନ୍ନ ସମୟରେ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ।

## ସଂକ୍ଷେପରେ

### ସମ୍ବଲପୁର ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା

**ଜେଇଇ ମେନ୍ ପ୍ରବେଶିକା ପରୀକ୍ଷା**

ସମ୍ବଲପୁର,୪।୫(ବ୍ୟୁରୋ): ଜେଇଇ ମେନ ପ୍ରବେଶିକା ପରୀକ୍ଷାରେ ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ଏକାଡେମିକ ନିର୍ଦ୍ଦେଶକ ଜି. ରାମକୃଷ୍ଣ ସୂଚନା ଦେଇଛନ୍ତି, ଆୟୁଷ ଦତ୍ତାତ୍ରେୟ ଦାଶ (୯୭.୩୫%), ସୁଧୀର ନାୟକ (୯୪.୬୧), ଅଭିଷେକ କୁଜୁର (୯୧.୯୩) ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସେହିପରି ୧୩ ଜଣ ଜେଇ କଟ ଅଫ ପ୍ରତିଶତରୁ ଅଧିକ ନମ୍ବର ରଖି ଜେଇ ଆଡଭାନ୍ସ ପାଇଁ ଯୋଗ୍ୟ ହୋଇଛନ୍ତି। ହରିହର ୯୩, ଅମରେଶ ୯୨, ଅଭିଷ୍ଟ ୯୨, ଗଣେଶ ୯୧ ଓ ଅଭିରୁପ୍ତମ, ଅଭିଳାଷ, ଆଶୁତୋଷ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ଏଥିସହ ୩୦ ଛାତ୍ରୀଛାତ୍ର ବିଭିନ୍ନ ଏନଆଇଟିସ ଓ ରାଜ୍ୟସ୍ତରୀୟ ଇଞ୍ଜିନିୟରିଂ କଲେଜରେ ସିଟ ପାଇବାର ସମ୍ଭାବନା ରହିଛି। କୃତୀ ଛାତ୍ରୀଛାତ୍ରଙ୍କୁ ବିକାଶ ଗ୍ରୁପର ଅଧକ୍ଷ ଡି. ମୁରଲୀ କ୍ରିଷ୍ଣା ଶୁଭେଚ୍ଛା ଜଣାଇଛନ୍ତି।

### ଜିଏମ୍‌ୟୁ ମନସ୍ତତ୍ତ୍ୱ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,୪।୫(ବ୍ୟୁରୋ): ସମ୍ବଲପୁର ଅମୃତବିହାରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଅଧାପନା ପ୍ରକୋଷ୍ଠ-୧୦୧ରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଏମ୍‌ୟୁ ମନସ୍ତତ୍ତ୍ୱ ବିଭାଗ ଏବଂ ଓଡିଶା ସେଣ୍ଟର ଫର ଜେରିଆଟ୍ରିକ୍ସ ଓ ଜେରୋଣ୍ଟୋଲୋଜିର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକମ ହୋଇଥିଲା। ଏଥିରେ ଆମେରିକାର ବୋଷ୍ଟନସ୍ଥିତ ସଫୋକ ବିଶ୍ୱବିଦ୍ୟାଳୟର ପ୍ରାଧାପିକା ଡ. ସୁକନ୍ୟା ରାୟ ଏବଂ ଆମେରିକାର ମାଇକ୍ରୋସଫ୍ଟ କ୍ଲାଉଡ ସାର୍ଟିଫାଏଡ ସଲ୍ୟୁସନ ଆର୍କିଟେକ୍ଟ ପରାମର୍ଶଦାତା ଇଂ ବିକ୍ରମ ରାୟ ଯୋଗଦାନ କରି ପ୍ରଯୁକ୍ତି ବିଦ୍ୟା କିପରି ବୟୋବୃଦ୍ଧ ବ୍ୟକ୍ତିମାନଙ୍କ କଲ୍ୟାଣ ଦିଗରେ ବିନିଯୋଗ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଅଧିବେଶନକୁ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁ ଉଦ୍‌ଘାଟନ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ. ସଂଯୁକ୍ତା ପାଢୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଡ. ଉମା ଚରଣ ପତି, ସ୍ନାତକୋତ୍ତର ଶିକ୍ଷା ପରିଷଦର ଅଧକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଅଲେଖ ସୂତାର, ଡିନ ରିସର୍ଚ୍ଚ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ସାହୁ, ସୁଶୀଲ୍ କୁମାର ସାହୁ, ଆଶିଷ ପଟେଲ ଓ ପ୍ରିୟଙ୍କା ସ୍ୱାଇଁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ମନସ୍ତତ୍ତ୍ୱ ବିଭାଗ ଅଧାପିକା ଡ. ରୂପଶ୍ରୀ ବ୍ରହ୍ମାକୁମାରୀ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

ସମ୍ବଲପୁର,୪।୫(ବ୍ୟୁରୋ): କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଡାକ୍ତରଖାନା ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଡାହାଣୀ, ଗୁଣି ଗାରେଡି, ଚେଙ୍କ ଇତ୍ୟାଦି ଅନ୍ଧବିଶ୍ୱାସଠାରୁ ଦୂରରେ ରହି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଗୁରୁବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଡାହାଣୀ ପ୍ରଥା ନିରୋଧ ଆଇନ ସଚେତନତା କର୍ମଶାଳାରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ଦୁନିଆ ବିଜ୍ଞାନ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବହୁ ଉର୍ଦ୍ଧ୍ୱକୁ ଗଲାଣି। କିନ୍ତୁ ଗାଁଗହଳିରେ ଆଜି ମଧ ଲୋକେ ଅନ୍ଧବିଶ୍ୱାସକୁ ମାନି ଚଳୁଛନ୍ତି। ଲୋକଙ୍କୁ ସଚେତନ କରି ଅନ୍ଧବିଶ୍ୱାସ ପରମ୍ପରା ଦୂରେଇବାକୁ ପଡିବ। ଡାହାଣୀ ପ୍ରଥା ନିରୋଧ ଆଇନରେ ରହିଥିବା ଦଣ୍ଡବିଧାନ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଡିଏସ୍‌ପି ପ୍ରଭାତ ଦାନ, ଆଇନଜୀବୀ ଦୁଷ୍ମନ୍ତ ବେହେରା, ଡା. ପ୍ରମୋଦ କୁମାର ବିଶ୍ୱାସ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଡିପିଏମ୍ ଓଏଲ୍‌ଏମ୍ ଡ. ପୁଷ୍ପଶ୍ରୀ ନାୟକ, ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

## ସଂରକ୍ଷିତ ଜଙ୍ଗଲରୁ ୨ ପକ୍ଷୀ ଶିକାରୀ ଗିରଫ

ନାକଟିଦେଉଳ,୪।୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ପକ୍ଷୀ ଶିକାର କରୁଥିବା ୨ଜଣ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ କିସିଣ୍ଡା ଥାନା ଶଙ୍ଖାଭାଙ୍ଗୁଣି ଗ୍ରାମର ବ୍ରଜ ନାଏକ ଓ ଦେବଗଡ଼ ଜିଲା ରିଆମାଳ ଥାନା ପାଲକୁଦର ଗ୍ରାମର ଅନାମ ଅଢା। ସୂଚନା ଅନୁସାରେ ଅଭିଯୁକ୍ତ ଦ୍ୱୟ ଶଙ୍ଖାଭାଙ୍ଗୁଣି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ପଶି ବେଆଇନ ଭାବେ ପକ୍ଷୀ ଶୀକାର କରୁଥିଲେ। ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରବୀଣ କୁମାର ସାହୁ, ଲୁହାବୀର ବିଟର ଫରେଷ୍ଟଗାର୍ଡ଼ ମିନା ମୁଣ୍ଡା ପ୍ରମୁଖ ଚଢାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏମାନଙ୍କ ନିକଟରୁ ଦୁଇଟି ପକ୍ଷୀ ସହ ବାଟୁଳି ଖଡ଼ା ଓ ୨୦ ମାଟି ଗୋଲି ଜବତ କରିଥିଲେ। ବନ ବିଭାଗ ଏ ନେଇ ଏକ ମାମଲା ରୁଜୁ କରି ଗିରଫ ଦୁଇ ଶିକାରୀଙ୍କୁ ଗୁରୁବାର ରେଢାଖୋଲ କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।


ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ହିଣ୍ଡାଲ୍‌କୋ ପକ୍ଷରୁ ରାସ୍ତା ସଫେଇ

ସମ୍ବଲପୁର,୪।୫(ବ୍ୟୁରୋ)

ଓଡ଼ିଶା ମାନଚିତ୍ରରେ ହୀରାକୁଦ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଛି। ଏହି ସ୍ଥାନ ବୁଲିବା ପାଇଁ ଲୋକେ ଯାନବାହନ ଯୋଗେ ରେମେଡ଼୍ -ହୀରାକୁଦ ରାସ୍ତାରେ ଆସିଥାନ୍ତି। ଏହି ରାସ୍ତାର ଉନ୍ନତି ଆଣିବା ପାଇଁ ହିଣ୍ଡାଲ୍‌କୋ ସର୍ବଦା ଚେଷ୍ଟିତ। କମ୍ପାନୀର କ୍ଲଷ୍ଟର ମୁଖ୍ୟ କୈଳାସନାଥ ପାଣ୍ଡେଙ୍କ ପରାମର୍ଶ କ୍ରମେ ହିଣ୍ଡାଲ୍‌କୋ ହୀରାକୁଦର ପରିପାର୍ଶ୍ୱିକ ଉନ୍ନୟନ ବିଭାଗ ଏ ଦିଗରେ ପ୍ରୟାସ ଜାରି ରଖିଛି। ରାସ୍ତା ସଫା ରଖିବା ପାଇଁ କମ୍ପାନୀ ଦ୍ୱାରା ବହୁ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଛନ୍ତି । ଧୂଳିକଣା ନ ଉଡିବା ପାଇଁ ରାସ୍ତାରେ ଜଳ ସିଞ୍ଚନ ବ୍ୟବସ୍ଥା କରାଯାଇଛି। ତତ୍‌ସହିତ ଭାରିଯାନ ଦ୍ୱାରା ଅନବରତ ରାସ୍ତାର ଧୂଳିକଣା ନିଷ୍କାସନ କରାଯାଉଛି। ଏହି କାର୍ଯ୍ୟକ୍ରମ ହିଣ୍ଡାଲ୍‌କୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି ।

## ଜାତୀୟ ପ୍ରତିଯୋଗିତାରେ ବିକାଶର ବାଜିମାତ

**୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ**

ସମ୍ବଲପୁର,୪।୫(ବ୍ୟୁରୋ)

ଏପ୍ରିଲ ଶେଷ ସପ୍ତାହରେ ହରିୟାଣାର ପାନିପଥରେ ଜାତୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନସେପ୍ଟ ସ୍କୁଲ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇ ସଫଳତା ହାସଲ କରିଛନ୍ତି। ଛାତ୍ରୀଛାତ୍ର ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମେଘା ମୁର୍ମୁ ୧୦୦ ମିଟର ଦୌଡ଼, ସୁମିତ ରଞ୍ଜନ ଦେଓ ଡିସ୍‌କସ୍ ଥ୍ରୋ, ଦୀକ୍ଷା ସଙ୍ଗୀତା ରାୟ ୩୦୦ମିଟର ଦୌଡ଼, ଚିନ୍ମୟୀ ମିଶ୍ର ଡିସ୍‌କସ୍ ଥ୍ରୋ, ସୁପ୍ରଭା ସେଠୀ ୧୫୦୦ମିଟର ଦୌଡ଼, ରାନି ବାଗ୍‌ଚି ଡିସ୍‌କସ୍ ଥ୍ରୋ, ଦିୱାନ ଦେହୁରି ୧୫୦୦ମିଟର ଦୌଡ଼ ଓ ସିଙ୍ଗଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରିତିସା ଲାଲ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି କ୍ରିତିକା ସୋରେଙ୍ଗ,ବିଷ୍ଣୁ ଶିବ ଓରାମ, ଲିପସା କାଲୋ ରୌପ୍ୟ ପଦକ ଓ ପ୍ରାଞ୍ଜଲ ସୁପକାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାସ୍କେଟ ବଲ ପ୍ରତିଯୋଗିତାରେ ଅର୍ମାନ ଗୌରବ ପତି, ବିଷ୍ଣୁ ଶିବ ଓରାମ, ଅନୁପମ ପ୍ରଧାନ, ଅନୁପମ ଲାକ୍ରା, ବିଶାଳ ଅଗ୍ରୱାଲ, ପ୍ରତ୍ୟୁଷ ପ୍ରିୟଦର୍ଶୀ ପ୍ରଧାନ, ସିପୁନ ବେହେରା, ସୌମେନ ଜେନା, ଅମିତ ଗୋୟଲ ଦଳଗତ ଭାବେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ଏହି କୃତୀ ପାଇଁ ବିକାଶ ଗ୍ରୁପର ଅଧକ୍ଷ ଜି. ମୁରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକାଡେମିକ ଡାଇରେକ୍ଟର ଜି. ରାମକୃଷ୍ଣ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ଏକାଡେମିକ ଅଧିକାରିଣୀ ପୁଷ୍ପିତା ପଣ୍ଡା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଜେଡି ସାଙ୍ଗଠନିକ ସମ୍ପାଦକ-ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଆଲୋଚନା


ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର,୪।୫(ବ୍ୟୁରୋ)

ସମ୍ବଲପୁର ଜିଲା ବିଜେଡି ସଭାପତି ଇଂ ସିଦ୍ଧାର୍ଥ ଦାସଙ୍କ ସମେତ ନନ୍ଦପଡ଼ା, ଝାଡୁଆପଡ଼ା ଓ ମୋଦିପଡ଼ାର ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଝାରସୁଗୁଡ଼ାଠାରେ ଭେଟି ଆଲୋଚନା କରିଛନ୍ତି। ଏହି ମହାନ ପର୍ବକୁ ସେମାନେ ତାଙ୍କୁ ଆମନ୍ତ୍ରଣ କରିବା ସହ ଯାତ୍ରା କମିଟିକୁ ସରକାରୀ ଅନୁଦାନ ବୃଦ୍ଧି ନିମନ୍ତେ ପ୍ରସ୍ତାବ ଦେଇଥିଲେ। ପ୍ରଣବ ସେମାନଙ୍କ ଆମନ୍ତ୍ରଣକୁ ଗ୍ରହଣ କରିବା ସହ ପୁରାତନ ୩ଟି ଯାତ୍ରା କମିଟି ସହ ଅନ୍ୟ ୩ଟି ଯାତ୍ରା କମିଟି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସମ୍ବଲପୁର ଜିଲାପାଳଙ୍କୁ ଆବଶ୍ୟକ ଅନୁଦାନ ନିମନ୍ତେ ଅନୁରୋଧ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ବିଜେଡିର ବରିଷ୍ଠ ନେତା ବଡମ୍ବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଶୀତଳଷଷ୍ଠୀ ମିଳିତ ସମନ୍ୱୟ ସମିତି କାର୍ଯ୍ୟକାରୀ ସଭାପତି ଅମୂଲ୍ୟ କୁମାର ମିଶ୍ର, ନନ୍ଦପଡା ଯାତ୍ରା କମିଟିର ପ୍ରଶାନ୍ତ ବରେଇ ଓ ଗୋପାଳ ପୃଷେଠ, ଝାଡୁଆପଡାର ସରୋଜ ଦଳପତ ଓ ସୁଶାନ୍ତ କୁମାର ପୁରୋହିତ, ମୁଦିପଡାର ସୁନୀଲ ଦାଶ ଓ ହିମାଂଶୁ ପାଣିଗ୍ରାହୀଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ ।

## ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ହୀରାଖଣ୍ଡ ପୁରସ୍କୃତ

ସମ୍ବଲପୁର,୪।୫(ବ୍ୟୁରୋ)

ସମ୍ବଲପୁରସ୍ଥିତ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ହୀରାଖଣ୍ଡ ପୁରସ୍କୃତ ହୋଇଛି। ରେଡିଓ ହୀରାଖଣ୍ଡ ସମ୍ବଲପୁରଠାରେ ପାଞ୍ଚବର୍ଷ ଧରି ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟରେ ଉନ୍ନତି ଆଣିବା ପାଇଁ ଜୀବନ ରେଖା ଅଭିଯାନ ଓ ସମାଧାନ, ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛି। ସେହିପରି କିଶୋରୀ ବାଳିକା, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆମାନଙ୍କୁ ତାଲିମ ପ୍ରଦାନ ଦେଇଛି। ଏହାକୁ ଦୃଷ୍ଟିରେ ରଖି ରେଡିଓ ହୀରାଖଣ୍ଡକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ହୀରଖଣ୍ଡ ରେଡିଓ ନିର୍ଦ୍ଦେଶକ ବିକାଶ ମହାପାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଦିଲ୍ଲୀର ନୋଏଡାଠାରେ ପିଓର ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ପିଓର ସୋସିଆଲ ଇମ୍ପାକ୍ଟ ଆୱାର୍ଡ ଓ କର୍ପୋରେଟ ସାମାଜିକ ଉତ୍ତର ଦାୟିତ୍ୱବୋଧ ଆଲୋଚନାଚକ୍ରରେ ଏହି ପୁରସ୍କାର ଦିଆଯାଇଥିଲା। ପିଓର ଇଣ୍ଡିଆ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସିଇଓ ପ୍ରଶାନ୍ତ ପାଲ, ରାଜସ୍ଥାନ ସରକାରଙ୍କ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ପି.ଆର. ଶର୍ମା, ଉତ୍ତରପ୍ରଦେଶର ବରିଷ୍ଠ ଆଇଏଏସ୍ ଅଧିକାରୀ ଡ. ହୀରା ଲାଲ, ଶିକ୍ଷାଦାନ ଫାଉଣ୍ଡେଶନ ସହପ୍ରତିଷ୍ଠାତା ବିନ୍ଦୁ ମଳିନି, ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ନିର୍ଦ୍ଦେଶକ ଗୌରିଶଙ୍କର କେଶରୱାନି, ଫେଡେରେଶନ ଅଫ କମ୍ୟୁନିଟି ରେଡିଓ ଷ୍ଟେଶନର ସଭାପତି ଯଶବନ୍ତ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।


ଅତିଥିଙ୍କଠାରୁ ହୀରାଖଣ୍ଡ ରେଡିଓ ନିର୍ଦ୍ଦେଶକ ପୁରସ୍କାର ଗ୍ରହଣ କରୁଛନ୍ତି

## ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

ପଡିଆବାହାଲ, ୪।୫(ଡି.ଏନ.ଏ.)

ଜମନକିରା ବ୍ଲକ କୁଲୁଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବୁର୍ଲା ଭୀମସାର ଡା. ସାଗର ସୌରଭ ପଣ୍ଡା, ଟେକ୍‌ନିସିଆନ କରୁଣାକର ସାହୁ, ସହଯୋଗୀ ଗଣେଶ ପାଇକଙ୍କ ସହାୟତାରେ ଅନୁଷ୍ଠିତ ଶିବିରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ଭୁଲିଆ ସମାଜର ପ୍ରମୋଦ ମେହେର, ଶତ୍ରୁଘନ ମେହେର, ରାହାସ ମେହେର ଓ ପ୍ରଦୀପ ମେହେର ସମ୍ମାନିତ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଓ ରକ୍ତ ଦାତାଙ୍କୁ ଭୁଲିଆ ସମାଜ ତରଫରୁ ଅଙ୍ଗବସ୍ତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଭୀମ୍‌ସାର ପକ୍ଷରୁ ମଧ୍ୟ ପ୍ରମାଣପତ୍ର ଦିଆଯାଇଥିଲା।


ରକ୍ତଦାତାଙ୍କୁ ପ୍ରମାଣପତ୍ର ଦିଆଯାଉଛି।

# ପ୍ରମୁଖ ଦଳର ମାରାଥନ ପ୍ରଚାର




ବିଜେଡି, କଂଗ୍ରେସ ଓ ଭାଜପାର ପ୍ରଚାର।

**ଝାରସୁଗୁଡ଼ା ଉପନିର୍ବାଚନ**

- ନିରପେକ୍ଷ, ଶାନ୍ତିପୂର୍ଣ୍ଣ ନିର୍ବାଚନ ଦାବି

ସମ୍ବଲପୁର,୪।୫(ବ୍ୟୁରୋ)

ଝାରସୁଗୁଡା ଉପନିର୍ବାଚନ ପାଇଁ ଚଳିତମାସ ୧୦ ତାରିଖରେ ମତଦାନ ହେବ। ଏଥିପାଇଁ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଜୋରଦାର କରିଛନ୍ତି । ସମସ୍ତ ଦଳର ନେତା ଓ ଷ୍ଟାର ପ୍ରଚାରକ ବିଭିନ୍ନ ୱାର୍ଡରେ ରୋଡ୍ ଶୋ, ସାଧାରଣ ସଭା କରୁଛନ୍ତି। ଭାଜପା ପକ୍ଷରୁ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପାଇଁ ଜାତୀୟ ନିର୍ବାଚନ କମିଶନଙ୍କୁ ସ୍ଥାନୀୟ ନିର୍ବାଚନ କମିଶନରଙ୍କ ଜରିଆରେ ଦାବି କରିଛନ୍ତି। ଅନ୍ୟପକ୍ଷେ ବିଜେଡି ରାଜ୍ୟ ନିର୍ବାଚନ କମିଶନରଙ୍କୁ ଅନୁରୂପ ଭାବେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଅନୁରୋଧ କରିଛି। ଏହିକ୍ରମରେ ଗୁରୁବାର ବିଜେଡି କିର୍ମିରା ବ୍ଲକରେ ଜୋରଦାର ପ୍ରଚାର କରିଛି। ଦଳୀୟ ପ୍ରାର୍ଥିନୀ ଦୀପାଳି ଦାସ, ମନ୍ତ୍ରୀ ଟୁକୁନି ସାହୁ, ବିଧାୟିକା ବର୍ଷା ସିଂ ବରିହା, ଶ୍ରୀମୟୀ ମିଶ୍ର ପ୍ରମୁଖଙ୍କ ସହ ବରିଷ୍ଠ ନେତୃମଣ୍ଡଳୀ ବ୍ଲକର ବନପାଲି, ଗୌଡ଼ ପାନପାଲି, ନକ୍ସାପାଲି, ସୁଲେହି, ଅର୍ଡ଼ା, କିର୍ମିରା ପଞ୍ଚାୟତରେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନତିମୂଳକ କାର୍ଯ୍ୟ, ଝାରସୁଗୁଡା ବାସୀଙ୍କ ପାଇଁ ବିଜୁ ବାବୁଙ୍କ ଅବଦାନ, ସ୍ୱର୍ଗତ ନବ ଦାସ ଓ କିଶୋର ମହାନ୍ତିଙ୍କ ଝାରସୁଗୁଡାର ଉନ୍ନତି ପାଇଁ ପ୍ରୟାସ ବିଷୟରେ ଲୋକଙ୍କୁ ଅବଗତ କରାଇଛନ୍ତି। ପ୍ରାର୍ଥିନୀ ଦୀପାଳି ଦାସ ତାଙ୍କ ବାପା ଦେଖିଥିବା ନୂତନ ଝାରସୁଗୁଡା ନିର୍ମାଣ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟି ମଧ୍ୟ ଉପନିର୍ବାଚନକୁ ଗୁରୁତ୍ୱ ଦେଇଛି। ଲୋକସଭା ସାଂସଦ ମନୋଜ ତିୱାରୀ ଷ୍ଟାର ପ୍ରଚାରକ ଭାବେ ସାମିଲ ହୋଇଛନ୍ତି। ସେ ପେସାରେ ଜଣେ ଭୋଜପୁରୀ ଚଳଚ୍ଚିତ୍ର ତାରକା। ତେଣୁ ସେ ନିଜର ସ୍ୱତନ୍ତ୍ର ଢ଼ଙ୍ଗରେ ଝାରସୁଗୁଡା ଆସି ଦଳୀୟ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ଦଳୀୟ ନେତୃବୃନ୍ଦଙ୍କ ସହ ମିଶି ଝାରସୁଗୁଡା ପୌରାଞ୍ଚଳସ୍ଥିତ ବିଟିଏମ୍, ମାଳିପଡା, ଚୌକିପଡ଼ା, କବ୍ରିସ୍ତାନପଡ଼ା, ତେଲିଭଟ ସହିତ ସହରର ଅନ୍ୟାନ୍ୟ ସ୍ଥାନକୁ ଯାଇ ପ୍ରଚାର କରି ଲୋକଙ୍କୁ ନିଜ ଦଳ ପ୍ରତି ଆକୃଷ୍ଟ କରିଥିଲେ। ଅପରପକ୍ଷେ କଂଗ୍ରେସ ଦଳ ମଧ୍ୟ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୋଟ ପ୍ରଚାର କରିଛି। ଦଳର ବରିଷ୍ଠ ନେତାମାନେ ଏଥିରେ ସାମିଲ ଥିଲେ । ଝାରସୁଗୁଡାରେ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ମଧ୍ୟ ବାପାଙ୍କ ସ୍ୱପ୍ନ ସାକାର କରିବାକୁ ଜନସାଧାରଣଙ୍କଠାରେ ପ୍ରତିଶ୍ରୁତି ଦେଇ ଭୋଟ ମାଗୁଥିବା ଦେଖାଯାଇଛି।

**ସମୂହ ଇସ୍ତଫା ଦେଲେ ୨୭ ପ୍ରାଣୀ ଚିକିତ୍ସକ**

ଭବାନୀପାଟଣା (ସ୍ୱ.ପ୍ର): କଳାହାଣ୍ଡି ଜିଲା ୨୭ଜଣ ପ୍ରାଣୀ ଚିକିତ୍ସକ ଗୁରୁବାର ସମୂହ ଇସ୍ତଫା ଦେଇଛନ୍ତି । କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କ ଜରିଆରେ ସେମାନେ ଇସ୍ତଫା ଦେଇଛନ୍ତି। ପ୍ରାଣୀ ଚିକିତ୍ସା ସଂଘର କର୍ମକର୍ତ୍ତା କ୍ୟାଡରମାନଙ୍କ ଉପରେ ସରକାରଙ୍କ ଆକ୍ରୋଶମୂଳକ ପଦକ୍ଷେପ, କ୍ୟାଡର ପୁନର୍ବିନ୍ୟାସ, କାର୍ଯ୍ୟ ନିର୍ଘଣ୍ଟ ପ୍ରଦାନ, କାର୍ଯ୍ୟ ସାରଣୀ, ଭିତ୍ତିଭୂମିର ବିକାଶ ଏବଂ ମାନବ ସମ୍ବଳର ବିକାଶ, ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ଦାବିକୁ ସରକାର ଅଗ୍ରାହ୍ୟ କରିଥିବା ଯୋଗୁ ସମସ୍ତ ପ୍ରାଣୀ ଚିକିତ୍ସକ ଇସ୍ତଫା ଦେଇଛନ୍ତି।

## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଦାବିପତ୍ର

**ଶିକ୍ଷକଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ମାମଲା**

**ବଲାଙ୍ଗୀର ଅଫିସ, ୪।୫:** ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଏକ ସ୍କୁଲର ଶିକ୍ଷକ ଗଜମଣି ବାଗଙ୍କ ବିରୋଧରେ ଜଣେ ଯୁବତୀ ପ୍ରତାରଣା ଏବଂ ବଳାତ୍କାର ଅଭିଯୋଗ ଆଣି ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୯ ତାରିଖ ଠାରୁ ଲାଠୋର ଥାନାରେ ଏନେଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୀଡିତା ଅନ୍ୟ କେତେଜଣଙ୍କ ସହ ବଲାଙ୍ଗୀର ଆସି ଏସ୍‌ପି ଅଫିସରେ ଦାବିପତ୍ର ଦେଇଛନ୍ତି। ଶିକ୍ଷକ ବାଗଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ପୀଡିତା ଲେଖିଛନ୍ତି ଯେ, ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ୧୭ ବର୍ଷ ଧରି ଏକା ସଙ୍ଗରେ ରହିବା ପରେ ଶିକ୍ଷକ ବାଗ ଅନ୍ୟତ୍ର ବିବାହ କରିବାକୁ ଯୋଜନା କରିଥିଲେ। ଏହା ଜାଣିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ୧୭ ବର୍ଷ ଭିତରେ ଶିକ୍ଷକ ବାଗ ତାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ କରିଛନ୍ତି। ଏନେଇ ଲାଠୋର ପୋଲିସ ମାମଲା (୪୮/୨୩) ଦାୟର କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ପୀଡିତା ଏସ୍‌ପିଙ୍କୁ ଲିଖିତଭାବେ ଜଣାଇଛନ୍ତି।

### ପ୍ରାଣୀ ଚିକିତ୍ସକ ଦେଲେ ସମୂହ ଇସ୍ତଫା

**ବଲାଙ୍ଗୀର ଅଫିସ,୪।୫:** ସାରା ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ୯ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ଡାକ୍ତରମାନଙ୍କ ସହ ସମାନ ଦରମା ଓ ପଦୋନ୍ନତି ସୁବିଧା, ଚାଷୀଙ୍କ ହିତ ସକାଶେ ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ଚିକିତ୍ସା, ପ୍ରାଣୀ ରୋଗ ନିଦାନ ସୁବିଧା, ଦ୍ୱାର ଦେଶରେ ନିଃଶୁଳ୍କ ପ୍ରାଣୀ ଚିକିତ୍ସା, ସ୍ୱତନ୍ତ୍ର ସୁରକ୍ଷା ଆଇନ, ନ୍ୟୁନତମ ପ୍ରାଣୀ ଚିକିତ୍ସା ଭିତ୍ତିଭୂମି ଓ ମାନବ ସମ୍ବଳ ବ୍ୟବସ୍ଥା ଦାବି ମୁଖ୍ୟ ଥିଲା । କିନ୍ତୁ କିଛି ଦାବି ପୂରଣ ନହେବାରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ କିଛି ଦିନ ପୂର୍ବରୁ ଡିଜିଟାଲ ବଏକଟ କରିଥିଲେ। ଆଗକୁ ଦାବିପୂରଣ ନ ହେଲେ ସମୂହ ଛୁଟିରେ ଯିବେ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ମାତ୍ର ତାଙ୍କର ଦାବି ଗୁଡିକୁ ରାଜ୍ୟ ସରକାରଗ୍ରହଣ ନ କରି ଆକ୍ରୋଶମୂଳକ ବଦଳି କରିଥିଲେ। ଦାବିପୂରଣ ନ ହେବାରୁ ଓଡିଶାର ସମସ୍ତ ପ୍ରାଣୀ ଚିକିତ୍ସକ ଗୁରୁବାର ସମୂହ ଇସ୍ତଫା ପ୍ରଦାନ କରିଥିବା ଜଣାପଡିଛି। ବଲାଙ୍ଗୀର ଜିଲାର ପ୍ରାଣୀଚିକିତ୍ସକମାନେ ମଧ ସମୂହ ଇସ୍ତଫା ଦେଇଛନ୍ତି। ଏହାଦ୍ୱାରା ପ୍ରାଣୀପାଳକମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘ ବଲାଙ୍ଗୀର ଶାଖା ତରଫରୁ ଜଣାଇ ଦିଆଯାଇଛି ।

# ମିଳିବ ଉଚିତ ନ୍ୟାୟ, ସମ୍ମାନ

**ବଲାଙ୍ଗୀର ଅଫିସ, ୪।୫**

■ପରଧିଆପାଲି ଗାଁ ଛାଡି ନଥିବା ପରିବାରବର୍ଗଙ୍କୁ ଭେଟିଲେ ନରସିଂହ

■କହିଲେ ଆବଶ୍ୟକ ପଡିଲେ ବିସ୍ଥାପିତଙ୍କ ପାଇଁ ଆଇନ ବଦଳିବ


ବିଧାୟକ ନରସିଂହ ମିଶ୍ର ପରଧିଆପାଲି ଗାଁରେ ଜ୍ଞାନ ଗଡତିଆଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରୁଛନ୍ତି।

ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାମ ଜୋରସୋରରେ ଚାଲିଛି। ଚଳିତବର୍ଷର ବର୍ଷାପାଣିକୁ ସୁକ୍‌ତେଲ ଡ୍ୟାମରେ ସଂରକ୍ଷିତ ରଖାଯିବ ବୋଲି ଘୋଷଣା କରାଯାଇଛି। ଚଳିତବର୍ଷ ପାଣି ସଂରକ୍ଷଣ ଆରମ୍ଭ ହେଲେ ଡ୍ୟାମ ପ୍ରଭାବିତ ୨୯ଟି ଗାଁରୁ ପରଧିଆପାଲି, କୋଇଣ୍ଡାପାଲି, ଗଡଶଙ୍କର ଡୁଙ୍ଗୁରିପାଲି, ବନ୍‌ଛୋରପାଲି ସମେତ ଅଧିକାଂଶ ନଦୀକୂଳ ଗାଁ ଜଳମଗ୍ନ ହୋଇଯିବ। ସର୍ବପ୍ରଥମେ ଡ୍ୟାମ ସଂଲଗ୍ନ ପରଧିଆପାଲି ଗାଁ ବୁଡିଯିବ। ପରଧିଆପାଲି ଗାଁରୁ ଏପର୍ଯ୍ୟନ୍ତ ପ୍ରାୟ ୯୯.୮ ପ୍ରତିଶତ ଲୋକ ବିସ୍ଥାପିତ ହୋଇସାରିଛନ୍ତି। ସେମାନଙ୍କ ଘର ମଧ୍ୟ ଭଙ୍ଗା ସରିଛି। ତେବେ ଏହି ଉଜୁଡା ଗାଁରେ ଏବେ ମଧ୍ୟ ପଡିରହିଛନ୍ତି ସୁକ୍‌ତେଲ ଡ୍ୟାମ ବିରୋଧୀ ଭିଟାମାଟି ଆନ୍ଦୋଳନ ତଥା ବୁଡିଅଞ୍ଚଳ ସଂଗ୍ରାମ ପରିଷଦର ଆଗଧାଡି ନେତା ଜ୍ଞାନ ଗଡତିଆଙ୍କ ପରିବାରବର୍ଗ ସମେତ ଆଉ ୬ଟି ପରିବାର। ଅନ୍ୟ ୬ଟି ପରିବାର ଆଂଶିକ କ୍ଷତିପୂରଣ ସହାୟତା ଗ୍ରହଣ କରିଥିଲେ ମଧ୍ୟ ଜ୍ଞାନ ଗଡତିଆଙ୍କ ପରିବାରର କୌଣସି ସଦସ୍ୟ ଏଯାଏ ସରକାରୀ ପ୍ୟାକେଜ ବା ସହାୟତା ଗ୍ରହଣ କରିନାହାନ୍ତି। ପ୍ରଶାସନିକ ଅତ୍ୟାଚାର ଅଭିଯୋଗ ଆଣି ଏକାକୀ ଏହି ପରିବାର ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଧାୟକ ନରସିଂହ ମିଶ୍ର ପରଧିଆପାଲି ଗାଁକୁ ଯାଇ ଜ୍ଞାନ ଗଡତିଆଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ସେମାନଙ୍କ ସହ ଆଲୋଚନା କରିବା ସହ ପ୍ରତ୍ୟେକ ବିସ୍ଥାପିତଙ୍କୁ ଉଚିତ୍ ସମ୍ମାନ ଓ ନ୍ୟାୟିକ କ୍ଷତିପୂରଣ, ଥଇଥାନ କରାଯିବ ବୋଲି କହିଥିଲେ। ଦୀର୍ଘ ସମୟ ଧରି ଏହି ପରିବାରବର୍ଗଙ୍କ ସହ ଆଲୋଚନା କରି ଡ୍ୟାମ କାମ ଶେଷ ହେବାକୁ ବସିଥିବାରୁ ଗଡତିଆ ପରିବାକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ବିଧାୟକ ମିଶ୍ରଙ୍କ ସମ୍ମୁଖରେ ଜ୍ଞାନ ଗଡତିଆ ତାଙ୍କ ବିଭିନ୍ନ ସମସ୍ୟା, ଦାବି ଉପସ୍ଥାପନ କରିଥିଲେ। ଲୋୟର ସୁକ୍‌ତେଲ ଡ୍ୟାମ ପରିକଳ୍ପନା ଆରମ୍ଭରୁ ଅର୍ଥାତ ୨୦୦୧ ମସିହାରୁ ଜ୍ଞାନ ଗଡତିଆ ଭିଟାମାଟି ଛାଡିବେ ନାହିଁ କହି ସୁକ୍‌ତେଲ ଡ୍ୟାମକୁ ବିରୋଧ କରିଆସିଥିଲେ। ୨୦୧୩ ମସିହାରେ ପ୍ରଶାସନ ଏହି ପ୍ରକଳ୍ପ କାମ ଆରମ୍ଭ କରିବାକୁ ଯାଇ ସର୍ବପ୍ରଥମେ ଡ୍ୟାମ ଆକ୍ସିସ୍ ଲାଇନ୍ ଠାରେ ଥିବା ତାଙ୍କର ପ୍ରାୟ ୧୮ ଏକର ଜମିକୁ ଜୋର ଜବରଦସ୍ତି ଅଧିଗ୍ରହଣ କରିଥିଲେ। ସେତେବେଳେ ସେମାନଙ୍କ ଧାନଫସଲ, ଜମିବାଡି ନଷ୍ଟ କରିଦିଆଯାଇଥିଲା। ପ୍ରଶାସନ ବିରୋଧରେ ଜ୍ଞାନ ଗଡତିଆଙ୍କ ପରିବାର ସଦସ୍ୟ ଧାରଣା ଦେଇଥିଲେ। ୨୦୧୩ ମସିହାର ସମସ୍ତ ଘଟଣା ସମ୍ପର୍କରେ ତଥ୍ୟ ରଖି ନ୍ୟାୟ ଆଶା କରିଥିଲେ। ପୁନଃସର୍ଭେ କରିବାକୁ ଦାବି କରିଥିଲେ। ବିଧାୟକ ତାଙ୍କ ସଦସ୍ୟା ଶୁଣିଥିବାରୁ ଆଗକୁ ସହଯୋଗ କରିବେ ବୋଲି ଜ୍ଞାନ ଗଡତିଆ ଓ ତାଙ୍କ ପୁଅ ପବିତ୍ର, କବିରାଜ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ବିଧାୟକ ମିଶ୍ରଙ୍କ ସହ ସୁକ୍‌ତେଲ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଏଡିଏମ୍ ମହେନ୍ଦ୍ର ମହାପାତ୍ର, ସୁକ୍‌ତେଲ ଭୂମି ଅଧିଗ୍ରହଣ ଅଧିକାରୀ ତଥା ଉପଜିଲାପାଳ କୁମାର ନାଗଭୂଷଣ, ଏସ୍‌ଡିପିଓ ତୋଫାନ ବାଗ ଉପସ୍ଥିତ ଥିଲେ। ଜ୍ଞାନ ଗଡତିଆ ପରିବାରଙ୍କ ନ୍ୟାୟିକ ଦାବି ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଡିଏମ୍ ମହାପାତ୍ର ଓ ଉପଜିଲାପାଳ ନାଗଭୂଷଣଙ୍କୁ ବିଧାୟକ ମିଶ୍ର କହିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପ୍ରଶାନ୍ତ


@ ସାରଥୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାହାଡ଼ ଚଢ଼ାର ମଜା ନେଲେ ପର୍ଯ୍ୟଟକ



ମହୋତ୍ସବର ଚତୁର୍ଥ ଦିବସ ସଭାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ, ୪।୫(ଡି.ଏନ୍.ଏ.)**

**ହରିଶଙ୍କର ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଚତୁର୍ଥ ଦିବସ**

■ମନ୍ଦିରରେ ଲାଗିହେଲା ସତନ୍ତ୍ର ପୀଠ କନ୍ଦା ଭୋଗ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କରଠାରେ ଆୟୋଜିତ ହରିଶଙ୍କର ମହୋତ୍ସବ ତଥା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଚତୁର୍ଥ ଦିବସ ଗୁରୁବାର ପ୍ରବଳ ଜନ ସମାଗମ ଦେଖିବାକୁ ମିଳିଥିଲା। ହଜାର ହଜାର ଶ୍ରଦ୍ଧାଳୁ ପାପନାସିନୀ ଝରଣାରେ ବୁଡ଼ ପକାଇ ହରିଶଙ୍କର ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ଶ୍ରଦ୍ଧାଳୁ ଗନ୍ଧମାର୍ଦ୍ଦନ ପାହାଡ଼ ଚଢ଼ି ନୃସିଂହନାଥ ଯାଇଥିଲେ। ଚତୁର୍ଥ ଦିବସରେ ହୋମଯଜ୍ଞ ସହ ସାନ୍ଧ୍ୟାରେ ମହାପ୍ରଭୁ ହରିଶଙ୍କରଙ୍କଠାରେ ସ୍ୱତନ୍ତ୍ର ପୀଠ କନ୍ଦା ଭୋଗ ଲାଗି ହୋଇଥିଲା। ଅନ୍ୟପକ୍ଷରେ ହରିଶଙ୍କର ମହୋତ୍ସବରେ ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନୀତ ଅତିଥି ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଉପାଧକ୍ଷା ମିଥିଳା ମାଝି, ଜିଲା ପରିଷଦ ଏପିଡି ଡ ଗୁଣନିଧି ନାଏକ, ଜିଲା ପରିଷଦ ସଦସ୍ୟା ସମା ପରବିନ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ମଞ୍ଚରେ ଓଡିଶୀ ନୃତ୍ୟ, ସୁର ସଙ୍ଗୀତ ପାଟଣାଗଡ଼, ପ୍ରତିଭା ଅନୁଷ୍ଠାନ ସଇଁତଳା ଓ ରାମଲୀଳା ସାରସ୍ୱତ ପରିବେଶିତ ହୋଇଥିଲା। ସେହିପରି ଯାତ୍ରା ପଡିଆ ମଞ୍ଚ ରେ ସାତ କୁଆଁରୀ ପାଟଣାଗଡ, ବେଲପଡା ରୁକୁ ସୁନାଙ୍କ ଅର୍କେଷ୍ଟ୍ରା ଓ ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଡ଼ଗାଁ, ୪।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରାଏଡିହି ଗ୍ରାମସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ପଟେଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ମାଝୀ, ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକ, କର୍ଣ୍ଣ ମାଝୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଜ୍ଞ କୁମାର୍ ପଟେଲ, ଗଙ୍ଗାଧର ତ୍ରିପାଠୀ, ରଜନୀକାନ୍ତ ନାଏକ ତଥା କଲ୍ୟାଣ ବିଭାଗର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ରାଏଡିହି ସେବାଶ୍ରମର ସ୍କୁଲ କମିଟି ସଭାପତି ପବିତ୍ର ଅଡାଙ୍କ ସହିତ ସଭ୍ୟସଭ୍ୟା ଉପସ୍ଥିତ ରହି ଅବସର ନେଇଥିବା ପ୍ରଧାନ ଶିକ୍ଷକ ପଟେଲଙ୍କ ସୁସ୍ଥ ଜୀବନ କାମନା କରି ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଦୁଷ୍ମନ୍ତ ପଟେଲ, ଅମ୍ରିତା ସା, ତାରାବତି ମହାନନ୍ଦିଆ, ସବିତା ସୋରେଙ୍ଗ, ରବୀନ୍ଦ୍ର ପଟେଲ, ଜୟନ୍ତ ପଟେଲ, ବିଳାସ ଚୌଧୁରୀ, ଝରପ୍ରଭା ସା, ସୁନୀତା କିଷାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ


ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

**ନୂଆପଡା ଅଫିସ,୪।୫**

ନୂଆପଡା ଜିଲା କୋମନା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳଠାରେ ଗୁରୁବାର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ସୁଶାନ୍ତ ରଣା, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଜଣେ ଭିନ୍ନକ୍ଷମ, ୨ଜଣ ବିଧବା ଓ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିଥିଲେ। କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବିଏସଏସଓ ସୀତାକାନ୍ତ ବନଗୋଲା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଧାରୀ ତାଣ୍ଡି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ଘୁମୁରା ନୃତ୍ୟ ବିକୃତ ପରିବେଷଣର ପ୍ରତିବାଦ

**ଭବାନୀପାଟଣା,୪।୫(ସ୍ୱ.ପ୍ର.)**

କଳାହାଣ୍ଡିର ସାଂସ୍କୃତିକ ପରିଚୟ ହେଉଛି ମୌଳିକ ଲୋକନୃତ୍ୟ ବୀରବାଦ୍ୟ 'ଘୁମୁରା'। ଏହା ଏକ ଯୁଦ୍ଧ ବାଦ୍ୟ ଓ ଏଥିରେ କେବଳ ପୁରୁଷ କଳାକାରମାନେ ଯୋଦ୍ଧା ବେଶ ପୋଷକରେ ଦଳଗତ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ମାତ୍ର ଏଥିରେ ମହିଳା କଳାକାରଙ୍କୁ ସାମିଲ କରାଯିବା ଓ ଘୁମୁରାକୁ ସମ୍ବଲପୁରୀ ଘୁମୁରା ଉଲ୍ଲେଖ କରାଯିବାକୁ ବିରୋଧ କରାଯାଇଛି। କଳାହାଣ୍ଡିର ମୌଳିକ ବୀରବାଦ୍ୟ ଘୁମୁରା ନୃତ୍ୟ ୧୯୮୨ରେ ଏସିଆନ ଗେମ୍ସ, ୧୯୮୭ ରେ ରୁଷିଆ ଓ ଅନେକଥର ନୂଆଦିଲ୍ଲୀରେ ଗଣତନ୍ତ୍ର ଦିବସ ପରେଡ଼ରେ ପ୍ରଦର୍ଶିତ ହୋଇଛି। କ୍ଷୋଭ ଓ ପରିତାପର ବିଷୟ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ଲକ୍ଷ୍ୟ ରଖିଥିବା ସରକାରୀ ସଂସ୍ଥା ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ନିକଟରେ ଘୁମୁରାରେ ପୁରୁଷ ସହିତ ମହିଳା କଳାକାରଙ୍କୁ ସାମିଲ କରି ପ୍ରସାରଣ କରିବା ସହ ସମ୍ବଲପୁରୀ ଘୁମୁରା ଉଲ୍ଲେଖ କରିଛି। ଏହାକୁ ୟୁଟୁବରେ ମଧ ଅପଲୋଡ଼ କରିଛି। ଏହା କଳାହାଣ୍ଡିର ଘୁମୁରା କଳାକାର, ସାଂସ୍କୃତିକ ସଙ୍ଗଠନ ଏବଂ ଜନସାଧାରଣଙ୍କୁ ଆଘାତ ଦେଇଛି। ଏନେଇ ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ କଳାହାଣ୍ଡି ସାଂସ୍କୃତିକ ସଙ୍ଗଠନ ସମୂହ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ କରାଯାଇଛି। ତୁରନ୍ତ ଦୂରଦର୍ଶନ କେନ୍ଦ୍ର ସମ୍ବଲପୁର ୟୁଟ୍ୟୁବରୁ ଘୁମୁରା ସମ୍ବଲପୁରୀ କାର୍ଯ୍ୟକ୍ରମକୁ ହଟାଇବା ସହ ଦୂରଦର୍ଶନ ଏହାର ପୁନଃ ପ୍ରସାରଣ ନ କରିବା, ଏହି କାର୍ଯ୍ୟକ୍ରମକୁ ଅନୁମୋଦନ ଓ ରେକର୍ଡିଂ କରି ପ୍ରସାରଣ କରିଥିବା ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପ୍ରସାର ଭାରତୀ ସିଇଓ, ଦୂରଦର୍ଶନ ମହାନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ର ସମ୍ବଲପୁର ନିର୍ଦ୍ଦେଶକ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ସଂସ୍କୃତି ସଚିବ ଓ ସଂସ୍କୃତି ନିର୍ଦ୍ଦେଶକଙ୍କୁ ଲିଖିତ ଦାବିପତ୍ର ପ୍ରେରଣ କରାଯାଇଛି ବୋଲି କଳାହାଣ୍ଡି ସାଂସ୍କୃତିକ ସଙ୍ଗଠନ ସମୂହ ଆବାହକ ସତ୍ୟ ନାରାୟଣ ମହାପାତ୍ର କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନ ନିଅନ୍ତି ତେବେ କଳାହାଣ୍ଡି ସାଂସ୍କୃତିକ ସମୂହ ନ୍ୟାୟ ପାଇଁ ଆଇନର ଦ୍ୱାରସ୍ଥ ହେବାକୁ ବାଧ ହେବ ବୋଲି ପୂର୍ବତନ ସଦସ୍ୟ ଜିଲା ସଂସ୍କୃତି ପରିଷଦ ଡ. ଅଜୟ ମିଶ୍ର କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମହାରାଜା ପ୍ରତାପ କେଶରୀ ଦେଓ, ଘୁମୁରା ଏକାଡେମୀ ଅଧକ୍ଷ ସୁରୁ ବାରିକ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ବେହେରା, ପ୍ରତିଭା ଅନୁଷ୍ଠାନ ଅଧକ୍ଷ ଧାନାନନ୍ଦ ପଣ୍ଡା, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଅକ୍ଷୟ ଦାସ, କରୁଣ୍ଡ କଳା ମଞ୍ଚର ସଭାପତି ପ୍ରଦୀପ ଡି. ମାଝୀ, କଳାହାଣ୍ଡି ଲେଖକ କଳା ପରିଷଦ ସଭାପତି ଉମେଶ ପଣ୍ଡା, ଶୁଭମ ସଂସ୍ଥାର ଅଧକ୍ଷ ଶୁଶାନ୍ତ ସିଂହ, କଳାହାଣ୍ଡି କଳାକାର ସଂଘ ସଭାପତି ଅବଦୁଲ କାଦିର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଳାହାଣ୍ଡି ସାଂସ୍କୃତିକ ସଂଗଠନ ସମୂହ କର୍ମକର୍ତ୍ତା।

# କାର୍ଯ୍ୟାନୁଷ୍ଠାନ ଦାବିକଲା କଂଗ୍ରେସ

**ବଲାଙ୍ଗୀର ଅଫିସ, ୪।୫**


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ନଗର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପିଡିଏସ୍ ଚାଉଳ ଦୁର୍ନୀତି**

■ଭାରପ୍ରାପ୍ତ ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର

ବଲାଙ୍ଗୀର ମ୍ୟୁନିସିପାଲିଟି ଏବଂ ଜିଲାରେ ପିଡିଏସ୍ ଚାଉଳ ବଣ୍ଟନ ଅବ୍ୟବସ୍ଥା ଓ ଦୁର୍ନୀତି ଚରମ ସ୍ଥିତିରେ ପହଞ୍ଚିଛି। ଏହି ଦୁର୍ନୀତିରେ ଶାସକ ଦଳ ନେତା ସାମିଲ ଥିବା ଖୋଦ୍ ଶାସକ ଦଳ କାଉନସିଲରମାନେ ପରସ୍ପର ଦୋଷାରୋପ କରୁଛନ୍ତି। ଏହାସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ କରୁନାହିଁ। ଏହାର ପ୍ରତିବାଦରେ ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଭାରପ୍ରାପ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ବଲାଙ୍ଗୀର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡରେ ଏସ୍‌ଏଚ୍‌ଜିମାନେ ଚାଉଳ ବଣ୍ଟନ କେନ୍ଦ୍ର ପରିଚାଳିତ କରୁଥିଲେ ମଧ୍ୟ ସେଠାରେ ସୂଚନା ବୋର୍ଡରେ କୌଣସି ତଥ୍ୟ ଉଲ୍ଲେଖ କରୁ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବାସ୍ତବରେ ପ୍ରତି ମାସରେ ଏସ୍‌ଏଚ୍‌ଜିଗୁଡିକ କେତେ ପରିମାଣର ପିଡିଏସ୍ ଚାଉଳ ପାଉଛନ୍ତି, କେତେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଛନ୍ତି ଏବଂ କେତେ ଷ୍ଟକ୍‌ରେ ବଳକା ରହୁଛି ସେନେଇ କିଛି ତଥ୍ୟ ଉଲ୍ଲେଖ କରାଯାଉନାହିଁ। ଏସ୍‌ଏଚ୍‌ଜିମାନେ ଖୋଲାଖୋଲି ପିଡିଏସ୍ ଗାଇଡଲାଇନ୍ ଉଲ୍ଲଂଘନ କରୁଥିଲେ ମଧ ଯୋଗାଣ ବିଭାଗ, ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅନେକ ହିତାଧିକାରୀଙ୍କୁ ଚାଉଳ ଦିଆ ନ ଯାଇ କଳାବଜାରରେ ବିକ୍ରି କରାଯାଉଛି। ଗତ ଏପ୍ରିଲ ୨୮ ତାରିଖରେ ବଲାଙ୍ଗୀର ପୌର ପରିଷଦ ବୈଠକ ଚାଲିଥିବାବେଳେ ପିଡିଏସ୍ ଚାଉଳ ଦୁର୍ନୀତିକୁ ନେଇ ୧୫ ନମ୍ବର ୱାର୍ଡର କାଉନସିଲର ମହେନ୍ଦ୍ର ବାଗ ୧୬ ନମ୍ବର ୱାର୍ଡର ବିଜେଡି କାଉନସିଲର ସନ୍ତୋଷିନୀ କୁଅଁରଙ୍କ ବିରୋଧରେ ଚାଉଳ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଏହାର ପ୍ରତିବାଦ କରି କାଉନସିଲର କୁଅଁର ୧୬ ନମ୍ବର ୱାର୍ଡର ଶ୍ୟାମା ଏସ୍‌ଏଚ୍‌ଜିକୁ କାଉନସିଲର ବାଗ ମାସିକ ୨୦ ହଜାର ଟଙ୍କା ମାଗୁଥିବା କହିଥିଲେ। ଏସବୁ ବିଷୟକୁ ତଦାରଖ କରିବାକୁ ନଗର କଂଗ୍ରେସ ପକ୍ଷରୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ଭାରପ୍ରାପ୍ତ ଜିଲାପାଳ ତଥା ଏଡିଏମ୍ ଲମ୍ବୋଦର ଧରୁଆଙ୍କୁ ଦାବିପତ୍ର ଦେଇଥିଲେ। ଏଡିଏମ୍ ଏହି ଚାଉଳ ଦୁର୍ନୀତି ଅଭିଯୋଗର ତଦନ୍ତ କରାଯିବ ଏବଂ ଯିଏବି ଦୋଷୀ ଜଣାପଡିବ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଆଗାମୀ ୩ ଦିନ ମଧ୍ୟରେ ତଦନ୍ତ କରା ନ ଗଲେ କଂଗ୍ରେସ ପକ୍ଷରୁ ବଡଧରଣର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ବିଧାୟକଙ୍କ ପୌର ପ୍ରତିନିଧି ଅଜୟ ବାଲି, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, କାଉନସିଲର ପ୍ରଦୀପ ମିଶ୍ର, ବଜରଙ୍ଗ ବନଛୋର, ଅରବିନ୍ଦ ପରୁଆ, ଅସୀତ ମିଶ୍ର, ଜିଲା କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, କୋଷାଧକ୍ଷ ଲୁଲୁ ପଟ୍ଟନାୟକ, କୈଳାସ ମିଶ୍ର ଉପସ୍ଥିତ ଥିଲେ।

# ସମୂହ ଇସ୍ତଫା ଦେଲେ ୨୧ ପ୍ରାଣୀ ଚିକିତ୍ସକ

**ସୁବର୍ଣ୍ଣପୁର ଜିଲା**

■ ଦାବି ପ୍ରତି ସରକାରଙ୍କ ଅଣଦେଖାର ପ୍ରତିବାଦ

**ସୋନପୁର,୪।୫(ନି.ପ୍ର.)**

ପ୍ରାଣୀ ଚିକିତ୍ସକଙ୍କର ଦୀର୍ଘଦିନର ନାର୍ଯ୍ୟ ଦାବିଗୁଡିକ ପ୍ରତି ରାଜ୍ୟ ସରକାର ଅଣଦେଖା କରି ଆସୁଛନ୍ତି । ସରକାରୀ ଉଦାସୀନତା ପ୍ରତିବାଦରେ ସୁବର୍ଣ୍ଣପୁର ଜିଲାର ସମସ୍ତ ୨୧ ଜଣ ପ୍ରାଣୀ ଚିକିତ୍ସକ ଗୁରୁବାର ବିଭାଗୀୟ ସଚିବଙ୍କୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଜରିଆରେ ସର୍ତ୍ତମୂଳକ ସମୂହ ଇସ୍ତଫା ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଜିଲାର ପ୍ରାଣୀ ଚିକିତ୍ସକମାନେ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ପ୍ରାଣୀ ଚିକିତ୍ସକମାନେ ନିବେଦନ କରିଛନ୍ତି। ଓଡିଶାର ପ୍ରାଣୀପାଳକମାନଙ୍କ ହିତ ଓ ନିଜର ସାମାଜିକ ସୁରକ୍ଷାର ସମ୍ମାନ ପାଇଁ ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ପାଖରେ ଦୀର୍ଘଦିନରୁ ଦାବି ଉପସ୍ଥାପନ କରି ଆସୁଛନ୍ତି । ଗତ ଫେବୃୟାରୀ ମାସରେ ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ । ମାତ୍ର ଦାବି ପୂରଣ ନ ହେବାରୁ ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଏହି ଚରମ ପଦକ୍ଷେପ ଗ୍ରହଣ କରିଛି । ସାଧାରଣ ବର୍ଗ ଡାକ୍ତରଙ୍କ ସହ ସମାନ ଦରମା, ସୁବିଧା ସୁଯୋଗ, ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ଚିକିତ୍ସା, ରେଫରାଲ ସୁବିଧା, ପ୍ରାଣୀ ରୋଗ ନିଦାନ ସୁବିଧା, ଦ୍ୱାର ଦେଶରେ ମାଗଣା ପ୍ରାଣୀ ଚିକିତ୍ସା ସୁବିଧା, କାର୍ଯ୍ୟ ସମୟ ଓ କାର୍ଯ୍ୟସାରଣୀ ନିର୍ଦ୍ଧାରଣ, ସ୍ୱତନ୍ତ୍ର ସୁରକ୍ଷା ଆଇନ, ସର୍ବନିମ୍ନ ପ୍ରାଣୀ ଚିକିତ୍ସା ଭିତ୍ତିଭୂମି ଓ ମାନବ ସମ୍ବଳ ବ୍ୟବସ୍ଥା ଦାବିରେ ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ନିକଟରେ ଅନୁରୋଧ କରିଥିଲେ । ଦାବି ପୂରଣ ନ ହେବାରୁ ପ୍ରାଣୀ ଚିକିତ୍ସକମାନେ ପର୍ଯ୍ୟାୟ କ୍ରମେ ଡିଜିଟାଲ କାର୍ଯ୍ୟ ବର୍ଜନ, ଅତିରିକ୍ତ କାର୍ଯ୍ୟ ଯଥା ଆନିମଲ ହେଲ୍‌ପ୍ ଲାଇନ୍ ଓ କାର୍ଯ୍ୟାଳୟ ସମୟ ପରିସର ବାହାରେ ସେବା ବର୍ଜନ ଭଳି କାର୍ଯ୍ୟ କରି ଆସିଥିଲେ । ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ହିମାଂଶୁ କୁମାର ମହାନ୍ତ, ବୀରମହାରାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅଜୟ କୁମାର ସାହୁ, ଜିଲା ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା. ସୁନାକର ସାମଲ, ଡୁଙ୍ଗୁରିପାଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ସୁଧା ଷଡଙ୍ଗୀ, ଉଲୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସୁବ୍ରତ ପୁରୋହିତ, ତରଭା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ୟାମସୁନ୍ଦର ପାଣ୍ଡେ, ସ୍ୱାଗତିକା ମିଶ୍ର ଓ ଝସକେତନ ପଶାୟତଙ୍କ ସମେତ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ନିଜର ଇସ୍ତଫା ପ୍ରଦାନ କରିଥିବା ଜଣାପଡିଛି ।


ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଇସ୍ତଫା ଦେଇଥିବା ପ୍ରାଣୀ ଚିକିତ୍ସକବୃନ୍ଦ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ପ୍ରଶାନ୍ତ


@ ସାରଥୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖାଉଟି ସୁରକ୍ଷା ଫୋରରେ ଦଣ୍ଡିତ

**ବରଗଡ଼ ଅଫିସ,୪।୫**

ଟିକେଟରେ ଭୁଲ ବୟସ ଥିବା ଦର୍ଶାଇ ପରିବାର ସହ ଯାତ୍ରା କରୁଥିବା ଜଣେ ରେଳଯାତ୍ରୀଙ୍କୁ ଟିଟିଆଇ ୧ହଜାର ଟଙ୍କା ପେନାଲ୍ଟି କରିବା ରେଳ ବିଭାଗକୁ ମହଙ୍ଗା ପଡିଛି। ଭାରତୀୟ ରେଳ ଆଇନରେ ଟିକେଟରେ ଭୁଲ୍ ବୟସ ଯୋଗୁ ଯାତ୍ରୀଙ୍କ ଉପରେ ପେନାଲ୍ଟି କରିବା ଭଳି କୌଣସି ନିୟମ ନ ଥିବା ଦର୍ଶାଇ ରେଳଯାତ୍ରୀ ଜଣଙ୍କ ବରଗଡ଼ ଖାଉଟି ସୁରକ୍ଷା ଫୋରମର ଆଶ୍ରୟ ନେଇଥିଲେ। ଏହାର ବିଚାର କରି ଖାଉଟି ସୁରକ୍ଷା ଅଦାଲତ ରେଳ ବିଭାଗକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ବରଗଡ଼ ପୋରାଞ୍ଚଳର ୱାର୍ଡ ନଂ-୪ ତଳିପଡାର ଆଇନଜୀବୀ ପ୍ରଦୀପ କୁମାର ମହାପାତ୍ର ତାଙ୍କର ୫ ଜଣ ପରିବାର ସଦସ୍ୟଙ୍କ ସହ ୨୦୧୭ ଜାନୁୟାରୀ ୨୪ରେ ଟାଟା-ଆଲେପି ଏକ୍ସପ୍ରେସରେ ଚେନ୍ନାଇ ଯିବା ପାଇଁ ୨୦୧୬ ଡିସେମ୍ବର ୧୫ରେ ଅଗ୍ରୀମ ଟିକେଟ କାଟିଥିଲେ। ତେବେ ଭୁଲ କ୍ରମେ ଟ୍ରେନ ଟିକେଟରେ ତାଙ୍କ ବୟସ ୫୪ ପରିବର୍ତ୍ତେ ୪୮ ବର୍ଷ ଉଲ୍ଲେଖ ରହିଥିଲା। ଯାତ୍ରା ସମୟରେ ବିଶାଖାପାଟଣା ଷ୍ଟେଶନ ନିକଟରେ ଜଣେ ଟିଟିଆଇ ମହାପାତ୍ରଙ୍କ ଟିକେଟ ଅମାନ୍ୟ ଦର୍ଶାଇ ୧ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ମହାପାତ୍ର ରେଳୱେଠାରୁ ବୟସ ଜନିତ କୌଣସି ଲାଭ ଏହି ଟିକେଟ ଜରିଆରେ ଉଠାଇ ନ ଥିବାବେଳେ ଏହା କେବଳ ଭୁଲ କ୍ରମେ ଟିକେଟରେ ୫୪ ବଦଳରେ ୪୮ ଉଲ୍ଲେଖ ଥିବା ଟିଟିଆଇଙ୍କୁ କହିଥିଲେ। ମାତ୍ର ସମ୍ପୃକ୍ତ ଟିଟିଆଇ ଜଣକ କିଛି ଶୁଣି ନ ଥିଲେ। ପରେ ମହାପାତ୍ର ଏ ନେଇ ବରଗଡ଼ ଖାଉଟି ସୁରକ୍ଷା ଫୋରମର ଆଶ୍ରୟ ନେଇଥିଲେ। ଖାଉଟି ଫୋରମ ଏହି ମାମଲା ଶୁଣାଣି କରି ରେଳୱେକୁ ୨୦୧୭ ଜାନୁୟାରୀ ୨୪ରୁ ୧ହଜାର ଟଙ୍କାର ବାର୍ଷିକ ୯ ପ୍ରତିଶତ ସୁଧ ଭାବେ ମହାପାତ୍ରଙ୍କୁ ଫେରସ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମାନସିକ ଯାତନା ଓ ହଇରାଣ କରିବା ଲାଗି ୫୦ ହଜାର ଟଙ୍କା ଓ ମୋକଦ୍ଦମା ଖର୍ଚ୍ଚ ବାବଦ ୧୦ ହଜାର ଟଙ୍କା ଏକ ମାସ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାସ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ ନ କଲେ ବାର୍ଷିକ ୧୨ ପ୍ରତିଶତ ହାରରେ ଦେବାକୁ ରେଳୱେକୁ ବରଗଡ଼ ଖାଉଟି ଫୋରମ ଗତ ୧ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶରଦ କୁମାର ପ୍ରଧାନ, ଟୁନାଜ ଚନ୍ଦ୍ର ତ୍ରିପାଠୀ, ସରୋଜ ଜେନା, ମାନସ ଭୋଇ, କିଶୋର ଦଫାଦାର ପ୍ରମୁଖ ମୋକଦ୍ଦମା ପରିଚାଳନା କରୁଥିଲେ।

# ୩ ଛାତ୍ରଙ୍କ ସ୍ମୃତିରେ ମେଗା ରକ୍ତଦାନ ଶିବିର


ଶିବିରରେ ଜଣେ ଯୁବକ ଅତିଥିଙ୍କ ଉପସ୍ଥିତିରେ ରକ୍ତଦାନ କରୁଛନ୍ତି।

**ସୋନପୁର,୪।୫(ନି.ପ୍ର.)**

ଗତ ମାର୍ଚ୍ଚ ମାସ ୨୨ ତାରିଖରେ ସୋନପୁର ବ୍ଲକ ସରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଛାତ୍ର ରାଜେଶ ପାରା, ରାଜା ପେରା ଓ ସୁବ୍ରତ ଭୋଇଙ୍କ ମୃତ୍ୟୁ ହୋଇଥିଲା । ଏହି ଛାତ୍ରମାନଙ୍କ ସ୍ମୃତିରେ ସୋନପୁର ସହରର ନବ ଗଠିତ ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ଗୁରୁବାର ଏକ ମେଗା ରକ୍ତଦାନ ଶିବିର କଳାପଥରସ୍ଥିତ ପ୍ରତୀକ ରାଇସ ମିଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଗ୍ରୀଷ୍ମ ପ୍ରବାହ ଯୋଗୁ ରକ୍ତ ଭଣ୍ଡାରଗୁଡିକରେ ରକ୍ତର ଅଭାବ ଦେଖାଦେଇଛି । ଏଣୁ

**୨୦୭ ୟୁନିଟ୍ ରକ୍ତ ସଂଗ୍ରହ**

ଏହି ଶିବିର କିଛି ମାତ୍ରାରେ ରକ୍ତର ଆବଶ୍ୟକତା ପୂରଣ କରିବ ବୋଲି ଏସ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱ ରଞ୍ଜନ ପତି, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା,ସାମାଜିକ କର୍ମୀ ଶ୍ରୀବସ ମଲ୍ଲିକ ଓ କଳାପଥର ପଞ୍ଚାୟତର ସମିତି ସଭ୍ୟ ଅରବିନ୍ଦ ବାରିକ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ମୃତ ୩ ଛାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମୃତ ଛାତ୍ରଙ୍କ ପରିବାରବର୍ଗ ଓ ସରଧାପାଲି ଗ୍ରାମବାସୀ ଉପସ୍ଥିତ ଥିଲେ। ଚନ୍ଦ୍ରିକା ସେବା ଟ୍ରଷ୍ଟର ସଭାପତି ବସ୍ଥୁ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକୁ ସଙ୍ଗୀତଜ୍ଞ ଶାଶ୍ୱତ କୁମାର ତ୍ରିପାଠୀ ପରିଚାଳନା କରିଥିଲେ । ଆସନ୍ତା ୧୪ ତାରିଖଠାରୁ ପ୍ରତି ରବିବାର ଦିନ ଟ୍ରଷ୍ଟ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରୋଗୀ ଓ ସମ୍ପର୍କୀୟମାନଙ୍କ ପାଇଁ ମାଗଣା ରନ୍ଧା ଖାଦ୍ୟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ସମ୍ପାଦକ ନାରାୟଣ ରଥ ଧନ୍ୟବାଦ ପ୍ରଦାନ କରିଥିଲେ । ଶିବିରରେ ମୋଟ ୨୦୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ମହିଳା, ସ୍ୱେଚ୍ଛାସେବୀ ଓ ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଜିଲା ରକ୍ତଦାତା ସେବା ସଂଘର ସଭାପତି ମନୋଜ କୁମାର ପଣ୍ଡା ଓ ସ୍ୱେଚ୍ଛାସେବୀ ରାମନାରାୟଣ ଦାସ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସୁବର୍ଣ୍ଣପୁର ରକ୍ତଭଣ୍ଡାର, ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ରକ୍ତ ଭଣ୍ଡାର ଓ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ରକ୍ତଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ ହୋଇଥିଲା । ଟ୍ରଷ୍ଟର ସଦସ୍ୟ ସନ୍ତୋଷ ମିଶ୍ର, ଦେବାଶିଷ ପଟ୍ଟନାୟକ, ସଞ୍ଜୟ ସାହୁ, ସତ୍ୟବ୍ରତ ପ୍ରଧାନ, ସନ୍ତୋଷିନୀ ନନ୍ଦ, ମନୋଜ ଅଗ୍ରୱାଲ, ଦୀପା ଅଗ୍ରୱାଲ ଓ ଜୟନ୍ତୀ ରଥଙ୍କ ସହ ସ୍ୱେଚ୍ଛାସେବୀମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ ।

# ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ


ଡୁଙ୍ଗୁରିପାଲି ଥାନା ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ ।

**ଡୁଙ୍ଗୁରିପାଲି,୪।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ପକ୍ଷରୁ ଗୁରୁବାର ଆରଏମସି ସାପ୍ତାହିକ ବଜାର ଛକରେ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଆଇ ଟଙ୍କଧର ଛତ୍ରିଆ, ଏଏସଆଇ ମୋହନ ବରିହା, ଏଏସଆଇ ଜିତେନ୍ଦ୍ର ମେହେର, କନଷ୍ଟେବଲ ପୀତାମ୍ବର ବୁଢ଼େକ, ପ୍ରଭଞ୍ଜନ ସାହୁ, ଦୁଃଶମନ୍ତ ଦେହୁରୀ, ଅର୍ଣ୍ଣପୂର୍ଣ୍ଣା ପଧାନ ପ୍ରବଳ ଖରାରେ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଜନସାଧାରଣଙ୍କୁ ପ୍ରଚଣ୍ଡ ଖରାରୁ ସୁରକ୍ଷା ଦେବା ପାଇଁ ଡୁଙ୍ଗୁରିପାଲି ଆରଏମସି ସାପ୍ତାହିକ ବଜାର ଛକଠାରେ ଥଣ୍ଡା ପାନୀୟ ଜଳ, ଦହି, ସରବତ, ଜଳଜିରା ପାଣି, ବେଲ ପଣା, ଜଳଛତ୍ର କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ଜିଲା ଜୁନିୟର ରେଡ୍‌କ୍ରସ ର ରବିଚନ୍ଦ୍ର ପଶାୟତ, ବିସିସି ନିମାଇଁଚରଣ ମଲ୍ଲିକ, ଜିଆରସିଓ ସୁରେଶ ପଧାନ, ଅମ୍ଲାନ ପାଣ୍ଡିଆ, ଶୋଭାଚନ୍ଦ୍ର ବାରିକ, କୁମୁଦ ମଟାରୀ, ଦେବକୀ ବାଗ, ସଞ୍ଜୀବ ପୁଟେଲ ପ୍ରମୁଖ ଥଣ୍ଡା ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଠିକାଯୋର ଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ଶୁଭାରମ୍ଭ

**ବୌଦ୍ଧ,୪।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଠିକାଯୋରସ୍ଥିତ ଶ୍ରୀ ପୁରୁଷୋତ୍ତମ ଦିବ୍ୟଧାମର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ପବିତ୍ର ନୃସିଂହ ଜୟନ୍ତୀ ଅବସରରେ ଗୁରୁବାର ଦିନ ଶୁଭାରମ୍ଭ ହୋଇଛି । ପଣ୍ଡିତ ଜିତେନ୍ଦ୍ର ଦାଶଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମନ୍ଦିର ନିର୍ମାଣ ସ୍ଥପତି ଗୋଲକ ମହାରଣା ଓ ଜିତେନ୍ଦ୍ର ମହରଣା ହରିବୋଲ, ହୁଳହୁଳି ଘଣ୍ଟ ଘଣ୍ଟା ବାଦ୍ୟ ଓ ଶଙ୍ଖଧ୍ୱନି ସହିତ ନାମ ସଂକୀର୍ତ୍ତନ ମଧ୍ୟରେ ନୂତନ ମନ୍ଦିର ପାଇଁ ନର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହି ମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସମୟରେ ସ୍ଥାନୀୟ ସରପଞ୍ଚ ଶ୍ରୀବନ୍ତ ମେହେର, ମନ୍ଦିର କମିଟି ସଂପାଦକ ବାମଦେବ ଦାଶ,ଚାରିଛକ ବଣିକ କମିଟି ସଭାପତି ଦିଲିପ ସାହୁ, ମେଦିନୀଶ୍ୱର ମଲିକ, ବୃନ୍ଦାବନ ପ୍ରଧାନ, ବେଦବର ପ୍ରଧାନଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ତେଇସିପଲି ଅଞ୍ଚଳର ଗ୍ରାମବାସୀ ଓ ଜନ ପ୍ରତିନିଧିଙ୍କ ସାହାଯ୍ୟରେ ଉକ୍ତ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସଂକଳ୍ପ କରାଯାଇଥିଲା ।


ନୂତନ ମନ୍ଦିର ନିର୍ମାଣର ଶୁଭାରମ୍ଭ କରାଯାଉଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୪।୫:** ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅଧୀନ ଏକ ସ୍କୁଲର ଜଣେ ଶିକ୍ଷକଙ୍କ ବିରୋଧରେ ଜଣେ ଯୁବତୀ ପ୍ରତାରଣା ଏବଂ ବଳାତ୍କାର ଅଭିଯୋଗ ଆଣି ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୯ ତାରିଖ ଠାରୁ ଲାଠୋର ଥାନାରେ ଏ ନେଇ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ପୀଡିତା କହିଛନ୍ତି।

# ବିଜେଡି ସମର୍ଥିତ ପ୍ରାର୍ଥୀ ମନୋଜ ପଣ୍ଡା ବିଜୟୀ

**ତରଭା, ୪।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କଟାପାଲି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପଦ ପାଇଁ ଅନୁଷ୍ଠିତ ଉପ ନିର୍ବାଚନରେ ବିଜେଡ଼ି ସମର୍ଥିତ ମନୋଜ ପଣ୍ଡା ବିଜୟୀ ହୋଇଛନ୍ତି। ମନୋଜ ୮୬୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କୃପାନିଧି ମିଶ୍ର ୭୦୬ ଖଣ୍ଡ ଭୋଟ ପାଇ ୧୬୧ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ମୋଟ ୨୦୬୫ ଜଣ ଭୋଟରଙ୍କ ମଧ୍ୟରୁ ୧୬୦୦ ଭୋଟର ଭୋଟ ଦେଇଥିବା ବେଳେ ୨୭ ଖଣ୍ଡ ଭୋଟ ନାକଚ ହୋଇଥିବା ସ୍ଥାନୀୟ ତହସିଲଦାର ତଥା ନିର୍ବାଚନ ଅଧିକାରୀ କିର୍ତ୍ତିଚନ୍ଦ୍ର ପଧାନଙ୍କ ଠାରୁ ସୂଚନା ମିଳିଛି।

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରୋଜ କୁମାର କର୍ଣ୍ଣ କଟାପାଲି ଓ ଜରାଜାରିଙ୍ଗି ଉଭୟ ଗ୍ରାମ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ବିଜୟୀ ହୋଇଥିଲେ। ଜରାଜାରିଙ୍ଗି ପଞ୍ଚାୟତର ସମିତି ସଭ୍ୟ ଭାବେ ରହି କଟାପାଲି ସମିତି ସଭ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ । ସେଥିପାଇଁ କଟାପାଲି ସମିତି ସଭ୍ୟ ପଦ ସକାଶେ ମେ ୨ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା। ବିଜାପଦର ଗ୍ରାମର ମନୋଜ ପଣ୍ଡା ଓ ଡୁଲୁଣ୍ଡା ଗ୍ରାମର କୃପାନିଧି ମିଶ୍ର ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିବା ତହସିଲଦାର ପଧାନ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସୋନପୁର ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେରଙ୍କ ଉପସ୍ଥିତିରେ ଭୋଟଗଣତି କରି ମନୋଜ ପଣ୍ଡା ୮୬୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କୃପାନିଧି ମିଶ୍ର ୭୦୬ ଖଣ୍ଡ ଭୋଟ ପାଇ ୧୬୧ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା ଘୋଷଣା କରିଥିଲେ। ଏହି ନିର୍ବାଚନରେ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ନାଏକ, ଜିପିଇଓ ବିଜୟ କୁମାର ନାଏକଙ୍କ ସମେତ ବ୍ଲକ ଷ୍ଟାଫ ସହଯୋଗ କରିଥିଲେ ।


ଅନ୍ୟମାନଙ୍କ ଗହଣରେ ବିଜୟୀ ପ୍ରାର୍ଥୀ ।

# ସୁବର୍ଣ୍ଣପୁର : ୪୩ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

**ସୋନପୁର,୪।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଛଅ ଗୋଟି ବ୍ଲକର ୪୩ଟି ୫-ଟି ରୂପାନ୍ତରିତ ହାଇସ୍କୁଲ ଗୁରୁବାର ଲୋକାର୍ପିତ ହୋଇଛି । ସୋନପୁର ବ୍ଲକ ସାଗରପାଲିସ୍ଥିତ ଗଙ୍ଗାଧର ମେହେର ହାଇସ୍କୁଲ ପରିସରରେ ଭିଡିଓ କନଫେରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାଇସ୍କୁଲଗୁଡିକୁ ଲୋକାର୍ପଣ କରିଛନ୍ତି। ୫-ଟି ସଚିବ ଭି.କେ ପାଣ୍ଡିଆନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାଗରପାଲିରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଅର୍ଥ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହାଇସ୍କୁଲ ରୂପାନ୍ତରଣ ରାଜ୍ୟର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା କହିଥିଲେ । ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମଞ୍ଚାସୀନ ଥିଲେ । ସାଗରପାଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ବର୍ଷା ସାହୁ ୫-ଟି ହାଇସ୍କୁଲ ରୂପାନ୍ତରଣରେ ନିଜର ଅନୁଭୂତି ସହ ଭବିଷ୍ୟତ ଗଠନର ଇଚ୍ଛାକୁ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସହ ଭାବ ବିନିମୟ କରି ଖୁସିବ୍ୟକ୍ତ କରିଥିଲେ । ପ୍ରକାଶ ଯେ, ପ୍ରଥମ ପର୍ଯ୍ୟାୟରେ ଜିଲାର ୧୧ଟି ହାଇସ୍କୁଲ ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୧ଟି ହାଇସ୍କୁଲ ରୂପାନ୍ତରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇସାରିଛି । ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ମାସ ସୁଦ୍ଧା ଜିଲାର ସମସ୍ତ ସରକାରୀ ହାଇସ୍କୁଲ ରୂପାନ୍ତରିତ ହେବ ବୋଲି ଜଣାପଡିଛି। ଜିଲା ୫-ଟି ନୋଡାଲ ଅଧିକାରୀ ଅଭିଲାଷ ପୁରୋହିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲାର ସମସ୍ତ ବିଡିଓ, ଜିଲାସ୍ତରୀୟ ଅଧିକାରୀବୃନ୍ଦ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।


ସାଗରପାଲି ଗଙ୍ଗାଧର ମେହେର ହାଇସ୍କୁଲ ପରିସରରେ ଅନୁଷ୍ଠିତ ସମାରୋହରେ ମନ୍ତ୍ରୀ, ବିଧାୟକ ଓ ଜିଲାପାଳ ।

## ସଂକ୍ଷେପରେ

### ତାଲାଭାଙ୍ଗି ସୁନା,ଗହଣା ନଗଦ ଟଙ୍କା ଚୋରି

**ଲହୁଣୀପଡା,୪।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଡଲେଇସରା ପଞ୍ଚାୟତ ରେଙ୍ଗାଲୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ସୁନା, ରୁପା ଗହଣା ନଗଦ ଟଙ୍କା ଚୋରି କରି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ରେଙ୍ଗାଲୀ ଗ୍ରାମର ନିରଞ୍ଜନ ବାରିକଙ୍କ ପରିବାର ବୁଧବାର ରାତି ଖାଇପିଇ ସାରି ପ୍ରାୟ ୧୧ ଟା ପରେ ଶୋଇ ଯାଇଥିଲେ। ଗୁରୁବାର ସକାଳୁ ଉଠି ଦେଖିଲା ବେଳକୁ ଘରର କବାଟ ଓ ଗଡରେଜ ଭାଙ୍ଗି ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା,ରୁପା ଗହଣା ନଗଦ ଟଙ୍କା ଚୋରି କରି ଦୁର୍ବୃତ୍ତମାନେ ନେଇ ଯାଇଛନ୍ତି ବୋଲି ମହୁଲପଦା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ମହୁଲପଦା ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଡ଼ଗାଁ, ୪।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରାଏଡିହି ଗ୍ରାମସ୍ଥିତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ସୋମନାଥ ପଟେଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ବଡ଼ଗାଁ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ମାଝୀ, ପ୍ରଧାନ ଶିକ୍ଷକ ଚିନ୍ତାମଣି ନାଏକ, କର୍ଣ୍ଣ ମାଝୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଜ୍ଞ କୁମାର୍ ପଟେଲ, ଗଙ୍ଗାଧର ତ୍ରିପାଠୀ, ରଜନୀକାନ୍ତ ନାଏକ ତଥା କଲ୍ୟାଣ ବିଭାଗର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ରାଏଡିହି ସେବାଶ୍ରମର ସ୍କୁଲ କମିଟି ସଭାପତି ପବିତ୍ର ଅଡାଙ୍କ ସହିତ ସଭ୍ୟସଭ୍ୟା ଉପସ୍ଥିତ ରହି ଅବସର ନେଇଥିବା ପ୍ରଧାନ ଶିକ୍ଷକ ପଟେଲଙ୍କ ସୁସ୍ଥ ଜୀବନ କାମନା କରି ସମ୍ବର୍ଦ୍ଧନା ଜଣାଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଦୁଷ୍ମନ୍ତ ପଟେଲ, ଅମ୍ରିତା ସା, ତାରାବତି ମହାନନ୍ଦିଆ, ସବିତା ସୋରେଙ୍ଗ, ରବୀନ୍ଦ୍ର ପଟେଲ, ଜୟନ୍ତ ପଟେଲ, ବିଳାସ ଚୌଧୁରୀ, ଝରପ୍ରଭା ସା, ସୁନୀତା କିଷାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଧ୍ୟାତ୍ମିକତା ଉପରେ କର୍ମଶାଳା

**ଦେବଗଡ଼, ୪।୫(ଡି.ଏନ୍.ଏ.):** ଦେବଗଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟଠାରେ ଉନ୍ନତ ଶାସନ ପାଇଁ ମୂଲ୍ୟ ଏବଂ ଆଧ୍ୟାତ୍ମିକତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଞ୍ଚାଳିକା ସୁଶୀଳା ଭଉଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଦେବଗଡ଼ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ ମୁଖ୍ୟଅତିଥି, ଓଆରଏସ ଦିଲ୍ଲୀରୁ ଆସିଥିବା ବିଧାତ୍ରୀ ଭଉଣୀ ମୁଖ୍ୟବକ୍ତା,ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟରଞ୍ଜନ ରାଉତ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ରିଆମାଳ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ ଉପସ୍ଥିତ ଥିଲେ। ଅନୀତା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗ ଅଧିକାରୀ ସାମିଲ ଥିଲେ।

# ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ସଂଯୋଗୀକରଣ ଉପରେ ଗୁରୁତ୍ୱ


କର୍ମଶାଳାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ।

**ସୁନ୍ଦରଗଡ଼, ୪।୫(ଡି.ଏନ୍.ଏ.)**

**ସୁନ୍ଦରଗଡ଼ ଜିଲା**
- ଓମ୍ୱାଡସି ପାଣ୍ଠି ବିନିଯୋଗ
- ବିଭିନ୍ନ ପ୍ରକଳ୍ପର ରୂପରେଖ ପ୍ରସ୍ତୁତି
- ସଫଳ କାର୍ଯ୍ୟ ରୂପାୟନ ପାଇଁ କର୍ମଶାଳା

ସୁନ୍ଦରଗଡ଼ ଜିଲାରେ ଓମ୍ୱାଡସି ପାଣ୍ଠିର ସହାୟତାରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହିସବୁ ପ୍ରକଳ୍ପର ରୂପରେଖ ପ୍ରସ୍ତୁତି ଏବଂ ତୃଣମୂଳସ୍ତରରେ କିପରି ଏହାର ସଫଳ କାର୍ଯ୍ୟାନ୍ୱୟନ କରାଯାଇପାରିବ ସେ ସମ୍ପର୍କରେ ଏକ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ପ୍ରଶାସନର ସହଯୋଗରେ ଓ ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୱାଡସି) ପକ୍ଷରୁ ସ୍ଥାନୀୟ ସଦଭାବନା ଭବନଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଓମ୍ୱାଡସି ପାଣ୍ଠି ସହାୟତାରେ ଜିଲାରେ ହେଉଥିବା ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ରାସ୍ତା ସଂଯୋଗୀକରଣ, ଜୀବିକା ଓ ପରିବେଶ ସୁରକ୍ଷା ଭଳି ପ୍ରମୁଖ ପ୍ରକଳ୍ପଗୁଡ଼ିକ ଯୋଜନା ଓ ଦକ୍ଷ କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗଦେଇ ଜିଲା ବିକାଶ କାର୍ଯ୍ୟକ୍ରମରେ ଓମ୍ୱାଡସି ପାଣ୍ଠିର ବିନିଯୋଗ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ, ବିଶେଷକରି କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ ପ୍ରକଳ୍ପ ରୂପାୟନ ସହ ସଂପୃକ୍ତ ସହଯୋଗୀ ସଂସ୍ଥାମାନଙ୍କ ସମନ୍ୱୟକ୍ରମେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସେ ପରାମର୍ଶ ଦେଇଥିଲେ। ଓମ୍ୱାଡସିର ଜେନେରାଲ ମ୍ୟାନେଜର (ଅପରେସନ) ଜୟନ୍ତ କୁମାର ଦାସ ଏବଂ ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଭବାନୀ ପ୍ରସାଦ ଦାସ ଏଥିରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଯୋଜନାବେଳେ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତିରେ କେଉଁ କେଉଁ ବିଷୟରେ ଧ୍ୟାନ ଦିଆଯିବା ଦରକାର ସେ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଟିମ୍ ଲିଡର ଅମ୍ବୁଜ ପ୍ରସାଦ ଓମ୍ୱାଡସି ସହାୟତାରେ ସୁନ୍ଦରଗଡ଼ ଜିଲାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ବରିଷ୍ଠ କ୍ଷେତ୍ର ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପ ସହ ଜଡ଼ିତ ସହଯୋଗୀ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଓମ୍ୱାଡସି ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷତା ବିକାଶ ଏବଂ ଏମଆଇଏସ ବିଶେଷଜ୍ଞ ଉପସ୍ଥିତ ଥିଲେ। ଓମ୍ୱାଡସି ପାଣ୍ଠିର ଆର୍ଥିକ ସହାୟତାରେ ସୁନ୍ଦରଗଡ଼ ଜିଲାରେ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କରାଯାଉଛି। ଜିଲାରେ ସ୍ୱାସ୍ଥ୍ୟ ସେବା ସହିତ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ନିଆଯାଉଛି। ଚାଷୀଙ୍କ ଦୀର୍ଘସ୍ଥାୟୀ ଜୀବିକା ବିକାଶ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଉଛି। ତା'ଛଡ଼ା ପରିବେଶ ସୁରକ୍ଷା ସହିତ ଜଳ ଓ ମୃତ୍ତିକା ସଂରକ୍ଷଣ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ପାଣ୍ଠି ସହଯୋଗରେ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ସୁଗମ କରିବା ଲାଗି ରାସ୍ତା ସଂଯୋଗୀକରଣ, ପିଲାମାନଙ୍କ ପାଇଁ ଅତ୍ୟାଧୁନିକ ଅଙ୍ଗନୱାଡ଼ି କେନ୍ଦ୍ର, ଦୁର୍ଗମ ଅଞ୍ଚଳପାଇଁ ବାଇକ୍ ଆମ୍ବୁଲାନ୍ସ ଏବଂ ମହିଳା ଓ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଜୀବିକା ବିକାଶ କାର୍ଯ୍ୟକ୍ରମ ଉପରେ ପ୍ରଶାସନ ପକ୍ଷରୁ ଅଗ୍ରାଧିକାର ଦିଆଯାଉଛି।

# ମ୍ୟାଲେରିଆ, ଡେଙ୍ଗୁ ଓ ଫାଇଲେରିଆ ସଚେତନତା ବୈଠକ

**ଦେବଗଡ଼, ୪।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ମ୍ୟାଲେରିଆ, ଡେଙ୍ଗୁ ଓ ଫାଇଲେରିଆ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ସୋମେଶ ଉପାଧ୍ୟାୟ ଯୋଗଦେଇ ମ୍ୟାଲେରିଆ, ଡେଙ୍ଗୁ ଓ ଫାଲେରିଆ ରୋଗର ସତର୍କତା ଓ ସଚେତନତା ଉପରେ ଆଲୋକପାତ କରିଥିଲେ। ମଶା ବଂଶ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ଟାୟାର ମରାମତି ଦୋକାନ ଓ ପାଣି ଜମିଥିବା ସ୍ଥାନରେ ସଚେତନତା କରିବା ସହିତ ମଶାଦାଉରୁ ରକ୍ଷା ପାଇବା ପାଇଁ ନିୟମିତ ମଶାରୀ ବ୍ୟବହାର କରିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲୁକାସ ପ୍ରଧାନ, ଡା.ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡା. ସୁବାସ ଚନ୍ଦ୍ର ମଣ୍ଡଳ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ ଓଝା, ଡିପିଏମ ଉମେଶ ପ୍ରସାଦ ଷଡଙ୍ଗୀ, ଜିଲା କୀଟାଣୁ ରୋଗ ପରାମର୍ଶଦାତା ସନ୍ତୋଷ ଷଡଙ୍ଗୀ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକରେ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ।

# ଜଙ୍ଗଲ ନିଆଁକୁ ଆୟତ୍ତ କଲେ ଲୋକେ

**କୁତ୍ରା, ୪।୫(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କରମାବାହାଲ ଓ ଲତାଲଗା ଗ୍ରାମ ତଥା ସମ୍ବଲପୁର ଜିଲା ଗଡପୋଷ ଅଞ୍ଚଳ ସୀମାରେ ଥିବା ପାହାଡିଆ ଜଙ୍ଗଲରେ ଗୁରୁବାର ମଧ୍ୟାହ୍ନରେ ନିଆଁ ଲାଗି ବ୍ୟାପି ଚାଲିଥିବାବେଳେ ଏହାକୁ ସ୍ଥାନୀୟ ଜନସାଧାରଣ ମିଳିତ ଭାବେ ଆୟତ୍ତ କରିଥିଲେ। ଏହି ନିଆଁ ଗଡପୋଷ ଅଞ୍ଚଳରେ ଥିବା ପାହାଡିଆ ଜଙ୍ଗଲରେ ଲାଗି କରମାବାହାଲ ଲତାଲଗା ଅଞ୍ଚଳ ଆଡକୁ ବ୍ୟାପିବାରେ ଲାଗିଥିଲା। ଏହା ବ୍ୟାପକ ରୂପ ନେଉଥିବା ଏବଂ ବହୁ ପରିମାଣରେ ଜଙ୍ଗଲ ସମ୍ପଦ ନଷ୍ଟ କରିଚାଲିଥିବା ଲକ୍ଷ୍ୟ କରି ରଜାବସା ସରପଞ୍ଚ ନିରୁପମା ମାଝୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ସଞ୍ଜିବନୀ ସୁରକ୍ଷା ସମିତିର କିଶୋର ଏକ୍କା, ସନାତନ ଏକ୍କା, ବିଦ୍ୟାଧର ଲାକଡା, ଜୟନ୍ତୀ ଲାକଡା, ବିଶ୍ୱନାଥ ଏକ୍କା, ରାଜକୁମାର ବାଡା, ନରେନ୍ଦ୍ର ଏକ୍କା, ଡିଲେଶ୍ୱର ମାଝୀ, ସୁନାରାମ ଭୈସାଲ, ସିଦ୍ଧେ ବେହେରା ପ୍ରମୁଖ ନିଆଁର ଭୟାବହତାକୁ ପଛରେ ପକାଇ ପାହାଡିଆ ଜଙ୍ଗଲରେ ଚଢି ଦୀର୍ଘ ସମୟ ଚେଷ୍ଟା କରି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡଧରଣର ଜଙ୍ଗଲ କ୍ଷୟକ୍ଷତିକୁ ରୋକିପାରିଥିଲେ ସ୍ଥାନୀୟ ଅଞ୍ଚଳବାସୀ। ଏହି ଅଞ୍ଚଳର ଜଙ୍ଗଲ ତଥା ପରିବେଶ ସୁରକ୍ଷା ପାଇଁ ଏହି ସଞ୍ଜିବନୀ ସୁରକ୍ଷା ସମିତିର ସଦସ୍ୟମାନେ ଦୀର୍ଘ ଦିନରୁ ନିଜସ୍ୱ ଉଦ୍ୟମରେ ଚେଷ୍ଟା କରୁଛନ୍ତି।



## କେନ୍ଦୁପତ୍ର କର୍ମଚାରୀ କଳାବ୍ୟାଜ୍ ପିନ୍ଧି ଜଣାଇଲେ ପ୍ରତିବାଦ

### ବିଭିନ୍ନ ଦାବି ଓ ସହାୟତା ଘୋଷଣାରେ ବିଳମ୍ବ

**ବଡ଼ଗାଁ, ୪।୫(ଡି.ଏନ୍.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ବିଶ୍ୱ ଶ୍ରମିକ ଦିବସ ଅବସରରେ ସମସ୍ତ କେନ୍ଦୁପତ୍ର କର୍ମଚାରୀ ବିଭିନ୍ନ ଦାବି ଓ ସହାୟତା ଘୋଷଣାରେ ସରକାର୍ ବିଳମ୍ବ କରୁଥିବାରୁ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଉରକେଲା ଡିଭିଜନ ଅଧୀନ ସୁନ୍ଦରଗଡ, ବଡ଼ଗାଁ, ବାଲିଶଙ୍କରା, କିଞ୍ଜିରକେଲା, ଉଜ୍ଜଳପୁର, ଲେଫ୍ରିପଡା, ରାଜଗାଙ୍ଗପୁର, କଲୁଙ୍ଗା, ରାଜାମୁଣ୍ଡା, ଖୁଣ୍ଟଗା ଓ ବଣେଇ ରେଞ୍ଜର ୩୮ ହଜାର ୮୧୪ ଜଣ ତୋଳାଳୀ, ୨୫ ହଜାର ବନ୍ଧାଇ ଶ୍ରମିକ ଓ ୮୨୫ ଜଣ ସିଜିନାଲ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବି ଗୁଡ଼ିକ ହେଲା, କେନ୍ଦୁପତ୍ର ତୋଳାଳିଙ୍କ ପତ୍ର ଖରିଦ ଦରବୃଦ୍ଧି କରିବା, ସିଜିନାଲ କର୍ମଚାରୀମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚ ବୃଦ୍ଧି, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ଓ ସଂଗୃହିତ ଅର୍ଥ ଫେରସ୍ତ କରିବା। ଏହି ଦାବିଗୁଡ଼ିକ ସମ୍ପର୍କରେ ବାରମ୍ବାର ସରକାରଙ୍କଠାରେ ଜଣାଇ ଆସୁଥିଲେ ମଧ୍ୟ ସରକାର୍ ଅଣଦେଖା କରୁଥିବାରୁ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଥିବା ସଂଘ ରାଉରକେଲା ଡିଭିଜନର ସମ୍ପାଦକ କ୍ଷେତ୍ର ଚନ୍ଦ୍ର ବାରିକଙ୍କ ଠାରୁ ଜଣାପଡିଛି। ଏହି ଆନ୍ଦୋଳନରେ ସଂଘର ଯୁଗ୍ମ ସମ୍ପାଦକ ଶୋଭାରାମ ପ୍ରଧାନ, ହେଡ ଚେକର ତଥା ରେଞ୍ଜ ସମ୍ପାଦକ ରାଜେଶ୍ୱର୍ ମହାକୁଡ, ବିଶେଶ୍ୱର ମାଝୀ, ପର୍ଶୁରାମ ଭାଇସଲ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ପ୍ରଶାନ୍ତ


@ ସାରଥୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମିନିବସ୍-ସ୍କୁଟି ମୁହାଁମୁହିଁ ଧକ୍କା



**ନୂଆଗାଁ, ୪।୫(ଡି.ଏନ୍.ଏ.)**

## ସ୍କୁଟି ଚାଳକ ମୃତ

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ବାରିଲେପଟା ପଞ୍ଚାୟତର ବାରିଲେପଟା ରେଲାପୋଷ ରାସ୍ତାରେ ଗୁରୁବାର ସକାଳ ପ୍ରାୟ ସାଢେ ୬ଟାରେ ଦୁର୍ଘଟଣା ଘଟିଛି। ଏକ ମିନି ବସ୍ ନଂ. ଏଚ୍‌ପି୬୬-୨୬୫୭ ଏବଂ ଏକ ସ୍କୁଟି ନଂ. ଓଡି ୧୪ଏଏ -୯୭୧୦ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସ୍କୁଟି ଚାଳକ ମୁକେଶ ମାହାତୋ (୨୪)ଙ୍କ ମୃତ୍ୟୁ ଘଟିଛି। ଖବରପାଇ ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଉଭୟ ମିନିବସ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି। ମିନିବସ ଚାଳକ କୁଶଲ ଢୋଡ୍ରେଙ୍କୁ ପୋଲିସ ଅଟକ ରଖିଛି। ମିନିବସ୍ ବୁଧବାର ଝାଡ଼ଖଣ୍ଡର ଖୁଣ୍ଟି ଅଞ୍ଚଳରୁ ପ୍ରାୟ ତିରିଶରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ନେଇ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ରାଉରକେଲା ନିକଟ ଝିରପାଣି ଅଞ୍ଚଳକୁ ଆସିଥିଲେ। କାର୍ଯ୍ୟକ୍ରମ ସାରି ଗୁରୁବାର ସକାଳୁ ସେମାନେ ପୁଣି ଖୁଣ୍ଟି ଅଞ୍ଚଳକୁ ଫେରୁଥିଲେ। ଏହି ସମୟରେ ସୋରଡ଼ା ପଟରୁ ମୁକେଶ ନୂଆ ସ୍କୁଟିକୁ ଧରି ଦ୍ରୁତବେଗରେ ନିଜ ଗ୍ରାମ ଟାଙ୍ଗରପାଲିକୁ ଫେରୁଥିଲେ। ବାରିଲେପ୍‌ଟାରୁ ମାତ୍ର ଅଧା କିଲୋମିଟର ଦୂର ବାରିଲେପ୍‌ଟା-ରେଲାପୋଷ ମଝିରେ ମିନିବସ୍ ଓ ସ୍କୁଟି ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋରରେ ହେଲା ଯେ, ମିନିବସର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ସ୍କୁଟିର ସମ୍ମୁଖ ଭାଗ ଆଉ ନାହିଁ କହିଲେ ଚଳେ। ରାସ୍ତା ଚଉଡା ଥିବା ସତ୍ତ୍ୱେ ଏଭଳି ଦୁର୍ଘଟଣା ଦ୍ରୁତ ଚାଳନା ଯୋଗୁଁ ଘଟୁଛି। ପୂର୍ବରୁ ମଧ୍ୟ ଏହି ରାସ୍ତାରେ ଦୁର୍ଘଟଣା ଘଟିଛି। ରାସ୍ତାରେ ପୋଲିସ ଚେକିଂ କରାଯାଉ ନ ଥିବାରୁ ଲୋକେ ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପୁଷ୍ଟିକର, ସନ୍ତୁଳିତ ଖାଦ୍ୟ ଉପରେ ପ୍ରଦର୍ଶନୀ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୪।୫**

ଆଇଜିଏଚ୍‌ର ସେବିକା ତାଲିମ ପ୍ରତିଷ୍ଠାନରେ ପୁଷ୍ଟିକର ଏବଂ ସନ୍ତୁଳିତ ଖାଦ୍ୟ ଉପରେ ଏକ ସ୍ୱତନ୍ତ୍ର ଶିକ୍ଷଣୀୟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡାକ୍ତରୀ ବିଜ୍ଞାନ ତଥା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମଗ୍ରିକ କଲ୍ୟାଣରେ ପୁଷ୍ଟିକର ଓ ସନ୍ତୁଳିତ ଖାଦ୍ୟର ଉପାଦେୟତା ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଠିକ୍ ପୁଷ୍ଟିକର ଖାଦ୍ୟ ଉପରେ ଗଭୀର ଜ୍ଞାନ ଆହରଣ କରିବାକୁ ବିଦ୍ୟାର୍ଥୀମାନଙ୍କୁ ସେ ଉତ୍ସାହିତ କରିଥିଲେ। ବିଦ୍ୟାର୍ଥୀମାନେ ବାଲାନ୍ସଡ ଫୁଡ୍ ଥାଳିରେ ଓଡ଼ିଶାର ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଏବଂ ବିଭିନ୍ନ ପୁଷ୍ଟିକର ବିଷୟ ଆଧାରିତ ମଡେଲ, ଚାର୍ଟ ଏବଂ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଓଡିଶା ମିଲେଟ ମିଶନକୁ ଦୃଷ୍ଟିରେ ରଖି ଏକ ଭିନ୍ନ ମିଲେଟ କର୍ଣ୍ଣର ରଖାଯାଇଥିଲା । ଯେଉଁଠି ମାଣ୍ଡିଆ ଓ ବାଜରାରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟଦ୍ରବ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପିଲାଙ୍କ ଦ୍ୱାରା ରକ୍ତହୀନତା ଆଧାରିତ ଏକ ନାଟକ ପରିବେଷିତ ହୋଇଥିଲା। ଏନ୍‌ଟିଆଇ ଅଧକ୍ଷା ସୁଶ୍ରୀ ବିଦ୍ୟୁତ୍‌ପ୍ରଭା ଗୋଥ ଏବଂ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜନା କରାଯାଇଥିଲା। ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ସନ୍ତୁଳିତ ଡାଏଟ ଉପରେ ସାତ ଦିନିଆ ଅଧିବେଶନର ଉଦ୍‌ଯାପନୀ ଅବସରରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପ୍ରଦର୍ଶନୀରେ ଖାଦ୍ୟର ପୁଷ୍ଟିକର ମୂଲ୍ୟ, ରନ୍ଧନ ପ୍ରଣାଳୀ, ସଂରକ୍ଷଣ ଓ ଅପମିଶ୍ରଣ ଆଦି ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ଆଇଜିଏଚ୍ ବରିଷ୍ଠ ଡାକ୍ତର ଏବଂ ନର୍ସମାନେ ଉପସ୍ଥିତ ଥିଲେ।


ବିଦ୍ୟାର୍ଥୀମାନେ ପୁଷ୍ଟିକର ଖାଦ୍ୟ ଉପରେ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ନିଜସ୍ୱ ସମ୍ବଳ ବିନିଯୋଗରେ ନୂଆ ୱେଲ୍‌ଡିଂ ମେଶିନର ବିକାଶ

**ରାଉରକେଲା ଅଫିସ,୪।୫**

ଆର୍‌ଏସ୍‌ପିର ଷ୍ଟ୍ରକ୍ଚରାଲ ଏବଂ ଫ୍ୟାବ୍ରିକେଶନ ଶପ୍‌ର କର୍ମଚାରୀମାନେ ନିଜସ୍ୱ ସମ୍ବଳର ବ୍ୟବହାର କରି ଏକ ସେମି ଅଟୋମେଟିକ ସବମର୍ଜ ଆର୍କ ୱେଲ୍‌ଡିଂ ମେଶିନର ବିକାଶ କରି ସେମାନଙ୍କ ଦକ୍ଷତା ଏବଂ କାର୍ଯ୍ୟ ନିପୁଣତା ପ୍ରଦର୍ଶନ କରିଛନ୍ତି। ଉକ୍ତ ମେଶିନକୁ ମେ' ୩ ତାରିଖରେ ଶପ୍‌ସ ଡିଜାଇନ ଏବଂ ରୋଲ ଶପ୍ ବିଭାଗ ସିଜିଏମ୍ ରବି ରଞ୍ଜନ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଡିଜାଇନ ମେକାନିକାଲ ଶପ୍ ଓ ଫାଉଣ୍ଡ୍ରି ବିଭାଗର ଜିଏମ୍ ଇନ୍‌ଚାର୍ଜ ଶେଖର ନାରାୟଣ, ଆର୍‌ଏସ୍‌ଏମ୍ ବିଭାଗର ଜିଏମ୍ ଡି. କେ. ନାୟକ, ଶପ୍‌ସ. ଏସ୍.ଏଣ୍ଡ.ଏଫ୍ ବିଭାଗର ଜିଏମ୍ ଏସ୍. ସି. ସାବତ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା, ଷ୍ଟ୍ରକ୍ଚରାଲ ଏବଂ ଫ୍ୟାବ୍ରିକେଶନ ଶପ୍ ତଥା ୟୁଜର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ମୁଖ୍ୟଅତିଥି ନୂତନ ମେଶିନକୁ ଉଦ୍‌ଘାଟନ କରୁଛନ୍ତି।

ସୂଚନା ଅନୁସାରେ, ଶପ୍‌ସର ପୂର୍ବ କଲମ ଏବଂ ବୁମ୍ ଏସ୍‌ଏଡବ୍ଲ୍ୟୁ ମେଶିନ ଗୁଡିକ ଉପରେ ବହୁ ସଂଖ୍ୟାରେ ବିଲ୍ଡ ଅପ୍ ଏବଂ ରିକଣ୍ଡିଶନିଂ କାର୍ଯ୍ୟ ସହ ଅଧିକ କାର୍ଯ୍ୟଭାର ରହି ଆସୁଥିଲା। ଶପ୍‌ସ ଷ୍ଟ୍ରକ୍ଚରାଲ ଓ ଫ୍ୟାବ୍ରିକେଶନ ଶପ୍‌ର କର୍ମଚାରୀମାନେ ନିଜସ୍ୱ ସମ୍ବଳ ସହିତ ଏହି ଯନ୍ତ୍ରପାତି ବିକାଶ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ବିକାଶ ପ୍ରକ୍ରିୟାର ପରିସର ରବି ରଞ୍ଜନଙ୍କ ମାର୍ଗଦର୍ଶନ ଏବଂ ଏସ. ସି ସାବତଙ୍କ ତତ୍ତ୍ୱାବଧାନରେ ସ୍ଥିର କରାଯାଇଥିଲା। ରେଟେଟର ୟୁନିଟ୍ ଏବଂ କ୍ୟାରେଜ ମାଉଣ୍ଟେଡ ପୋର୍ଟେବଲ ୱେଲ୍‌ଡିଂ ହେଡ୍ ପରି ନିଷ୍କ୍ରିୟ ସ୍ପେୟାର ଗୁଡିକ ନିଜସ୍ୱ ଭାବେ କିଛି ବିକଶିତ ବ୍ୟବସ୍ଥା ସହିତ ଜଳମଗ୍ନ ଆର୍କ ୱେଲ୍‌ଡିଂ ମେଶନି ସେଟ୍ ଅପ୍ ନିର୍ମାଣରେ ବ୍ୟବହୃତ ହୋଇଥିଲା। ବିଭିନ୍ନ ଷ୍ଟିଲ ମେକିଙ୍ଗ ଏବଂ ରୋଲିଂ ମିଲ୍ ୟୁନିଟ ଗୁଡିକର ରୋଲ ଗୁଡିକର କ୍ରମବର୍ଦ୍ଧିଷ୍ଣୁ ରିକଣ୍ଡିଶନିଂ ଆବଶ୍ୟକତା ପୂରଣ ସମେତ ଏବଂ ନୂତନ ପ୍ଲେଟ ମିଲ ଓ ହଟ୍ ଷ୍ଟ୍ରିପ୍ ମିଲ୍-୨ ଭଳି ନୂତନ ୟୁନିଟ୍‌ର ଆବଶ୍ୟକତା ପୂରଣ ପାଇଁ ଏହି ପ୍ରୟାସ ଗ୍ରହଣ ହୋଇଛି। ଏହି ମେଶିନ କଲମ୍ ଏବଂ ବୁମ୍ ଏସ୍‌ଏଡବ୍ଲ୍ୟୁ ଜଳମଗ୍ନ ଆର୍କ ୱେଲ୍‌ଡିଂ ମେଶିନ ପରି କାର୍ଯ୍ୟ କରିବ ଏବଂ ଆର୍‌ଏସ୍‌ପିରେ ବ୍ୟବହୃତ ୧୫୦ରୁ ୧୫ଶହ ମିଲିମିଟର ପର୍ଯ୍ୟନ୍ତ ବ୍ୟାସ ବିଶିଷ୍ଟ ବିଭିନ୍ନ ଆକାରରେ ରୋଲର ୱେଲ୍‌ଡିଂ, ବିଲ୍ଡ ଅପ୍ ଏବଂ ପୁନଃନିର୍ମାଣ ନିମନ୍ତେ ନିୟନ୍ତ୍ରିତ ସୁବିଧା ଓ ସେବା ପ୍ରଦାନ କରିବ। ଅଳ୍ପ ମୂଲ୍ୟ ସହ ମେଶିନର ନିଜସ୍ୱ ବିକାଶ ସାଧନ ଦ୍ୱାରା ପାରମ୍ପରିକ ଏସ୍‌ଏଡବ୍ଲ୍ୟୁ ମେଶିନ କ୍ରୟ ଦିଗରେ ଖର୍ଚ୍ଚ ହେଉଥିବା ପ୍ରାୟ ଏକ କୋଟି ଟଙ୍କାର ନଗଦ ଅର୍ଥ ସଞ୍ଚୟ କରାଯାଇ ପାରିଛି ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।

